

# ପାଉଡ଼ି ଭୂୟାଁ

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର, ଓଡ଼ିଶା
୨୦୧୨

# ଅଗ୍ରଲେଖ

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ଓଡ଼ିଶାରେ ଥିବା ୧୩ ଗୋଟି ଆଦିମ ଜନଜାତିଙ୍କ ଉପରେ ଇଂରାଜୀ ଭାଷାରେ "Photo Hand Books of PTGs of Odisha'' ନାମରେ ୧୩ ଗୋଟି ପୁସ୍ତିକା ଏବଂ ସେମାନଙ୍କ ଏକ ପରିଚୟାତ୍ମକ ପୁସ୍ତିକା, ଏହିପରି ମୋଟ ୧୪ ଗୋଟି ପୁସ୍ତିକା ପ୍ରକାଶ କରିଛନ୍ତି । ଜନଜାତିଙ୍କ ଉପରେ ରଚି ରଖୁଥିବା ଗବେଷକ ତଥା ଜିଜ୍ଞାସୁ ବ୍ୟକ୍ତି ବିଶେଷଙ୍କ ପାଇଁ ଏହା ବିଶେଷ ଉପଯୋଗୀ ହେଉଥିଲେ ସୁଦ୍ଧା ଓଡ଼ିଆ ଭାଷାରେ ଏହା ଉପଲବ୍ଧ ହେଉନଥିବାରୁ ଓଡ଼ିଆ ଭାଷାଭାଷୀଙ୍କ ନିକଟରେ ଏହା ଅନାଦୃତ ହୋଇ ରହିଯାଇଥିଲା । ଓଡ଼ିଶାର ଆଦିମ ଜନଜାତିଙ୍କ ସଂପର୍କରେ ଚିତ୍ର ଆଧାରିତ ପରିଚୟାତ୍ମକ ପୁସ୍ତିକାଟିଏ ଖୋଲିଲେ ସର୍ବସାଧାରଣଙ୍କୁ ଇଂରାଜୀ ଭାଷାରେ ପ୍ରକାଶିତ ପୁସ୍ତିକା ଉପରେ ନିର୍ଭର କରିବାକୁ ପଡୁଥିଲା । ଏହାକୁ ଆଖି ଆଗରେ ରଖି ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଏହି ପୁସ୍ତିକା ଗୁଡିକର ଅନୁସୃଜନ କାର୍ଯ୍ୟ ହାତକୁ ନେଇ ତାହାକୁ ପ୍ରକାଶ କରିଛନ୍ତି । ଉପରୋକ୍ତ ବିଷୟକୁ ସର୍ବସାଧାରଣରେ ଉପସ୍ଥାପିତ କରିବା ପାଇଁ ଆଦିମ ଜନଜାତିଙ୍କ ସାମାଜିକ - ସାଂସ୍କୃତିକ - ଅର୍ଥନୈତିକ ବିକାଶ ଉପରେ ଚିତ୍ର ସମ୍ବଳିତ ଏହି ଚିତ୍ରପୋଥୀ ପ୍ରକାଶ କରାଯାଇଛି । ଜନସାଧାରଣ, ଗବେଷକ, ସୁଧୀ ପାଠକଙ୍କ କାମକୁ ଏହା ଆସିପାରିଲେ ଓଡ଼ିଶାର ଜନଜାତିଙ୍କ ସାଂସ୍କୃତିକ ବୈଚିତ୍ର୍ୟକୁ ଆଲୋଚନା କରିବାର ସୁଯୋଗ ସୃଷ୍ଟି ହୋଇପାରିବ ।

ସନ୍ତୋଷ ଷଡ଼ଙ୍ଗୀ

**(ସନ୍ତୋଷ କୁମାର ଷଡ଼ଙ୍ଗୀ)**
କମିଶନର ତଥା ଶାସନ ସଚିବ

# ପାଉଡ଼ି ଭୂୟାଁ




ମୂଳ ଇଂରାଜୀ :

ଅଖିଳ ବିହାରୀ ଓତା

ଅନନ୍ତ ଚରଣ ସାହୁ

ଓଡ଼ିଆ ଅନୁସୃଜନ :

ଅଖିଳ ବିହାରୀ ଓତା

ପରମାନନ୍ଦ ପଟେଲ

ପ୍ରଦୀପ୍ତ କୁମାର ସାମଲ୍



# ଉପକ୍ରମଣିକା



ଇତିହାସ ପ୍ରସିଦ୍ଧ ଭୂୟାଁ ଜନଜାତି ମାନଙ୍କ ମଧ୍ୟରେ ପାଉଡ଼ି ଭୂୟାଁ ଅନ୍ୟତମ ପ୍ରମୁଖ ଉପଗୋଷ୍ଠୀ । ଏମାନେ ଝାରଖଣ୍ଡ, ଓଡ଼ିଶା, ପଶ୍ଚିମବଙ୍ଗ ଓ ଆସାମରେ ଦେଖାଯାଆନ୍ତି । ପାଉଡ଼ି ଭୂୟାଁମାନଙ୍କୁ ପାହାଡ଼ି ଭୂୟାଁ ମଧ୍ୟ କୁହାଯାଏ । ଓଡ଼ିଶାର ସୁନ୍ଦରଗଡ଼, କେଉଁଝର, ମୟୁରଭଞ୍ଜ, ଝରସୁଗୁଡ଼ା, ଦେବଗଡ଼ ଓ ଅନୁଗୁଳ ଜିଲ୍ଲାରେ ପାଉଡ଼ି ବା ପାହାଡ଼ି ଭୂୟାଁ ବସବାସ କରନ୍ତି । ଏମାନଙ୍କୁ ଓଡ଼ିଶାରେ ଅନ୍ୟତମ ଆଦିମ ଜନଜାତି ଗୋଷ୍ଠୀରେ ଅନ୍ତର୍ଭୁକ୍ତ କରାଯାଇଛି । ପାଉଡ଼ି ଭୂୟାଁମାନଙ୍କ ସାମାଜିକ ଓ ସାଂସ୍କୃତିକ ଜୀବନଚର୍ଯ୍ୟା ଅନ୍ୟମାନଙ୍କଠାରୁ ଅଲଗା । ୨୦୦୧ର ଜନଗଣନା ଅନୁସାରେ ଓଡ଼ିଶାରେ ଭୂୟାଁମାନଙ୍କର ସଂଖ୍ୟା ୨ ଲକ୍ଷ ୪୨ ହଜାର ପାଞ୍ଚଶହ ତେସ୍ତରୀ । ଏଥିରୁ ୧ ଲକ୍ଷ ୨୧ ହଜାର ନଅଶହ ଏକାବନ ଜଣ ପୁରୁଷ ଓ ୧ ଲକ୍ଷ ଚବିଶି ହଜାର ଛଅଶହ ବାଇଶି ଜଣ ମହିଳା । ପାଉଡ଼ି ଭୂୟାଁମାନଙ୍କୁ ଜନଗଣନାରେ ସ୍ୱତନ୍ତ୍ର ଭାବରେ ଗଣନା କରାଯାଇ ଥିବାରୁ ଏମାନଙ୍କର ସଠିକ୍ ସଂଖ୍ୟା ଆକଳନ କରିହେବ ନାହିଁ । ପାଉଡ଼ି ଭୂୟାଁମାନେ ପ୍ରଧାନତଃ ପାହାଡ଼ ପର୍ବତ ପରିପୂର୍ଣ୍ଣ ଜଙ୍ଗଲ ଅଞ୍ଚଳରେ ବାସ କରନ୍ତି । ଏହି ଅଞ୍ଚଳ ପ୍ରାୟତଃ ଅନ୍ୟ ଅଞ୍ଚଳଠାରୁ ବିଚ୍ଛିନ୍ନ ଓ ଅଲଗା । ବହୁ ପାଉଡ଼ି ଭୂୟାଁ ବସତିକୁ ସବୁଦିନିଆ ରାସ୍ତା ନାହିଁ । ବସତି









ସମୂହର ଭୌଗୋଳିକ ଅବସ୍ଥିତି ଏହାର ମୁଖ୍ୟ କାରଣ । ପୋଡୁଚାଷ ଯୋଗୁଁ ଏବେ ପାଉଡ଼ିଭୂୟାଁ ଅଞ୍ଚଳରେ ଘଞ୍ଚ ଜଙ୍ଗଲ ଦେଖାଯାଏ ନାହିଁ ।



ପାଉଡ଼ି ଭୂୟାଁମାନେ ଆଞ୍ଚଳିକ ଓଡ଼ିଆ ଭାଷାରେ କଥାବାର୍ତ୍ତା କରନ୍ତି ଯାହା ଉଚ୍ଚାରଣ ଦୃଷ୍ଟିରୁ ସାଧାରଣ ଓଡ଼ିଆ ଭାଷାଠାରୁ ଟିକିଏ ଭିନ୍ନ । ସେମାନେ ଶାରୀରିକ ଗଠନ ଦୃଢ଼ ଓ ହୃଷ୍ଟପୁଷ୍ଟ । ଉଚ୍ଚତା ମଧ୍ୟମ । ନାକମୂଳ ଚଉଡ଼ା ଓ ଚେପଟା । ଓଠ ମୋଟା । ଚର୍ମର ରଙ୍ଗ ସାଧାରଣ ପାଉଁଶିଆ ।

ପୁରୁଷମାନେ ସାଧାରଣତଃ ଧୋତି, ଗଞ୍ଜି ଓ ସାର୍ଟ ପିନ୍ଧନ୍ତି । ମହିଳାମାନେ ଶାଢ଼ୀ ଓ ବ୍ଲାଉଜ୍ ପିନ୍ଧନ୍ତି । ସେମାନେ ତାଙ୍କ ଶରୀରକୁ ପାରମ୍ପରିକ ଅଳଙ୍କାରରେ ସଜାନ୍ତି । ଚୁଡ଼ି, ବାହୁବନ୍ଧ, ପାଉଁଜି, ହାର, ବେକ ମାଳି, ନାକଫୁଲ, କାନଫୁଲ ଆଦି ଅଳଙ୍କାର ବ୍ୟବହାର କରନ୍ତି । ଏସବୁ ବିଭିନ୍ନ ଧାତୁରେ ତିଆରି । ମହିଳାମାନେ ସେମାନଙ୍କର ଜୁଡ଼ାକୁ ମୁଣ୍ଡକଣ୍ଟା ଓ ବିଭିନ୍ନ ପ୍ରକାର ରଙ୍ଗିନ୍ ଫୁଲରେ ସଜାନ୍ତି ।









# ବସତି ଓ ଗୃହ







ପାଉଡ଼ି ଭୂୟାଁମାନଙ୍କ ବସତିସ୍ଥଳ ଶାଳବଣରେ ପରିପୂର୍ଣ୍ଣ । ପାହାଡ଼ ଶୀର୍ଷରେ ଅଥବା ଗଡ଼ାଣିଆ ସ୍ଥାନରେ ବସବାସ କରୁଥିବାରୁ ପୋଡୁଚାଷ ନିମନ୍ତେ ପର୍ଯ୍ୟାପ୍ତ ଜମିର ସୁବିଧା ମିଳେ । ଜଙ୍ଗଲରେ ବସବାସ କରୁଥିବାରୁ ସେମାନେ ଜୀବନ ଜୀବିକା ନିମନ୍ତେ ଜଙ୍ଗଲ ଉପରେ ନିର୍ଭର କରନ୍ତି । ଜଙ୍ଗଲରୁ ଖାଦ୍ୟ ସଂଗ୍ରହ ଓ ଶିକାର କରନ୍ତି ।

ଗାଁର କେନ୍ଦ୍ରସ୍ଥଳରେ ଯୁବାଘର (ଦରବାରଘର) ରହିଥାଏ । ଏହି ଯୁବାଘର ଗାଁର ଯୁବଗୋଷ୍ଠୀଙ୍କ ନିମନ୍ତେ ଉଦ୍ଦିଷ୍ଟ । ଗାଁର ଅନ୍ୟ ପୁରୁଷ ସଦସ୍ୟମାନେ ମଧ୍ୟ ଏଠାରେ ବିଶ୍ରାମ ନିଅନ୍ତି । ଏହାମଧ୍ୟ ଅତିଥିଶାଳର କାର୍ଯ୍ୟକରେ । 'ଦରବାର ଘର'କୁ ଗାଁର ବିଚାରାଳୟ କହିଲେ ଅତ୍ୟୁକ୍ତି ହେବନାହିଁ । ଏଠାରେ ଗ୍ରାମ କଳହର ସମାଧାନ କରାଯାଏ ।











‘ଦରବାର ଘର’ ଭିତରେ କାନ୍ଥରେ ହରିଣ ଶିଙ୍ଘ ପୋତାଯାଇଥାଏ । ସେହି ଶିଙ୍ଘରେ ଅବିବାହିତ ଯୁବକମାନେ ଚାଙ୍ଗୁବାଦ୍ୟ ଝୁଲାଇଥାନ୍ତି । ଘରକୋଣରେ କାଠମଞ୍ଚାଉପରେ ଶସ୍ୟପେଡ଼ି ରଖାଯାଇଥାଏ ।

ଦରବାର ଘରେ ପୁରୁଷମାନେ ଶୀତଦିନେ ନିଆଁ ପୁଅଁନ୍ତି । ଦରବାର ଘରକୁ ଲାଗି ଗାଁ ଠାକୁରାଣୀଙ୍କ ଆସ୍ଥାନ । ଗୋଟିଏ କଡ଼କୁ ଗାଇଁଶିରୀ ଖୁଣ୍ଟ ପ୍ରତିଷ୍ଠା କରାଯାଇଥାଏ । ଏହି କାଠ ଖୁମ୍ବଟିରେ ନାନା ପ୍ରକାର ଆକୃତି ଅଙ୍କିତ ହୋଇଥାଏ । ବିଭିନ୍ନ ପର୍ବପର୍ବାଣି ଓ ଧାର୍ମିକ ପୂଜା ଅବସରରେ ଏଠାରେ ଲୋକମାନଙ୍କର ଭିଡ଼ ଜମେ ।



ଆଧୁନିକତାର ପ୍ରଭାବରେ ଯୁବାଘରର କାର୍ଯ୍ୟକାରିତା ହ୍ରାସପାଇଛି । ତଥାପି ଅନେକ ପାଉଡ଼ି ଭୂୟାଁ ସେମାନଙ୍କ ସାମାଜିକ ଓ ସାଂସ୍କୃତିକ ମୂଲ୍ୟବୋଧକୁ ବଜାୟ ରଖିବାକୁ ଯାଇ ଏହାକୁ ଗୋଷ୍ଠୀ କେନ୍ଦ୍ର ହିସାବରେ ପରିଚାଳନା କରନ୍ତି









। ଗୋଟିଏ ପାଉଡ଼ି ଭୂୟାଁ ଗାଁ ପ୍ରାୟ ୫ ରୁ ୨୦ଟି ପର୍ଯ୍ୟନ୍ତ ପରିବାରକୁ ନେଇ ଗଠିତ । ଗୋଟିଏ ଗୋଟିଏ ବଡ଼ ଗାଁରେ ପ୍ରାୟ ୭୦ ପରିବାର ବସବାସ  କରୁଥିବାର ଦେଖାଯାଏ । ପାଉଡ଼ି ଭୂୟାଁ ବସତିର ଅନତି ଦୂରରେ ଜୁଆଙ୍ଗ, ମୁଣ୍ଡା ଓ କୋହ୍ଲ ଜନଜାତିମାନେ ବାସକରନ୍ତି । ଅଣ-ଜନଜାତି ଗଉଡ଼, କମାର, ଗୁଡ଼ିଆ, ଖଣ୍ଡାୟତ ଆଦି ମଧ୍ୟ ଭୂୟାଁ ବସତି ନିକଟରେ ବାସ କରୁଥିବାର ଦେଖାଯାଏ ।

ଆଗରୁ ପାଉଡ଼ି ଭୂୟାଁମାନେ ଜଙ୍ଗଲ ସମ୍ପଦର ଦ୍ରୁତ ଅବକ୍ଷୟ ହେଲେ ଅଥବା ବସତି ଅଞ୍ଚଳରେ ଦୈବ ଦୁର୍ବିପାକ ଦେଖାଦେଲେ, ସଂକ୍ରାମକ ବ୍ୟାଧି ବ୍ୟାପିଲେ, ଲଗାତର ଫସଲହାନି ହେଲେ, ବସତିସ୍ଥଳ ପରିବର୍ତ୍ତନ କରୁଥିଲେ । ପାଉଡ଼ି ଭୂୟାଁ ମାନଙ୍କ ବସତି ଅଞ୍ଚଳରେ ସ୍ଥାପିତ (ଗାଇଁଶିରୀଙ୍କ ପ୍ରତୀକ ଖୁଣ୍ଟ) ଉପୁଡ଼ିଗଲେ ଅଥବା ଭାଙ୍ଗିଗଲେ ଏହାକୁ ଐଶ୍ୱରିକ ଅଦୃଷ୍ଟ ଶକ୍ତିର ସତର୍କ ଘଣ୍ଟି ବୋଲି ବିଚାର କରି ବସତିସ୍ଥାନ ପରିବର୍ତ୍ତନ କରାଯାଏ । ନୂତନ ବସତି ଅଞ୍ଚଳ ବାଛିବା ସମୟରେ ଚିରସ୍ରୋତା ଜଳାଧାର ଥିବା ସ୍ଥାନ ପ୍ରତି ଗୁରୁତ୍ୱ ଦିଆଯାଏ ।

ପାଉଡ଼ିଭୂୟାଁ ମାନଙ୍କର ଘର ଗୁଡ଼ିକ ପରିଷ୍କାର ପରିଚ୍ଛନ୍ନ । ଘରର କାନ୍ଥଗୁଡ଼ିକ ନାଲିମାଟି ଓ ଗୋବରରେ ଲିପାପୋଛା ହୋଇଥାଏ । ବର୍ଷସାରା ମହିଳାମାନେ ଘରକୁ ସୁନ୍ଦର ଓ ଆକର୍ଷଣୀୟ ରଖିବା ପ୍ରତି ସଚେତନ ଥାନ୍ତି । ଘରର ସମ୍ମୁଖ ଭାଗ ଅଗଣା ଓ ପଛ ବାଡ଼ିପଟ ସ୍ଥାନକୁ ନିୟମିତ ଭାବରେ ଓଳାଇ ସଫା ରଖାଯାଏ ।

ଗୋଟିଏ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ଘରଗୁଡ଼ିକ ବିକ୍ଷିପ୍ତ ଭାବରେ ତିଆରି ହୋଇଥାଏ । ପ୍ରତି ପରିବାରର ଗୋଟିଏ ଘରୋଇ ବଗିଚା ଥାଏ । ସେଠାରେ ସେମାନେ କଖାରୁ, ଲାଉ, ଲଙ୍କାମରିଚ, ମକା ଆଦି ପରିବା ଚାଷ କରନ୍ତି । ଶୀତ ଦିନରେ













ଧୂଆଁପତ୍ର ଓ ସୋରିଷ ଚାଷ କରାଯାଏ । ରହିବାଘର ପାଖରେ ଗୁହାଳଘର ହୋଇଥାଏ ।

ନୂଆଘରଟିଏ ତିଆରି କରିବା କାମ ବୁଧବାର ବା ଶୁକ୍ରବାରଠାରୁ ଆରମ୍ଭ ହୁଏ । ଏଥି ନିମନ୍ତେ ଗୃହ ଦେବୀଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ଘରର ମୁଖ୍ୟ ସଦସ୍ୟଙ୍କୁ ପୂଜା କରିବାକୁ ହୋଇଥାଏ । ପାଉଡ଼ି ଭୂୟାଁଙ୍କ ମୁଖ୍ୟ ରହିବାଘରର ଆକାର ଆୟତକ୍ଷେତ୍ର ପରି । ଘରର ଚାଳ ଗଡ଼ାଣିଆ । କେତେଗୋଟି କାଠଖୁଣ୍ଟ ଘରର ସମସ୍ତ ଭାର ସମ୍ଭାଳିଥାଏ । ଘରର କାନ୍ଥ ମାଟି କାଦୁଅରେ ତିଆରି । ବାଉଁଶ ତିଆରି ତାଟିକୁ ଦୁଆର କବାଟ ଭାବରେ ବ୍ୟବହାର କରାଯାଏ । ଥିଲାବାଲା ଲୋକମାନେ କାଠର ଚଉକାଠ ଓ କାଠ କବାଟ ବ୍ୟବହାର କରନ୍ତି । ଘର ଚାରିପଟେ ବାରଣ୍ଡା ଥାଏ । ଘରଟିକୁ ମୁଖ୍ୟତଃ ତିନି ବଖରାରେ ବିଭକ୍ତ କରାଯାଇଥାଏ । ଭିତର ବଖରାରେ ଧାନ ଚାଉଳ ଓ ଅନ୍ୟାନ୍ୟ ଦରକାରୀ ଘରୋଇ ଆସବାବ ପତ୍ର ରଖାଯାଏ । ମଝି ବଖରାଟି ରୋଷେଇ ଘର । ରୋଷେଇ ଘରେ ପୂର୍ବପୁରୁଷଙ୍କୁ ପୂଜା ନିମନ୍ତେ ସ୍ୱତନ୍ତ୍ର ସ୍ଥାନ ଥାଏ । ତାକୁ ମଧ ଶୟନ କକ୍ଷଭାବରେ ବ୍ୟବହୃତ କରାଯାଏ । ବାହାର ଲୋକ ସେହି ଘରକୁ ପଶିବା ମନା । ସେଠାରେ ପୂର୍ବ ପୁରୁଷମାନେ ରହୁଥିବାରୁ ବାହାର ଲୋକଙ୍କ ଅବାଧ ଅନୁପ୍ରବେଶ ହୁଏନାହିଁ । ସେଠାକୁ ଅବାଧ ପ୍ରବେଶ ହେଲେ ଘରର ପବିତ୍ରତା ରହିବ ନାହିଁ । ପୂର୍ବପୁରୁଷ ମାନଙ୍କ ଶାନ୍ତି ଓ ତୃପ୍ତି ସହିତ ଘରର ପ୍ରଗତି ଜଡ଼ିତ । ସେମାନେ ଅସନ୍ତୁଷ୍ଟ ହେଲେ ଘରକୁ ବିପଦମାଡ଼ିଆସେ ଓ ଘରର ସଦସ୍ୟ ମାନଙ୍କର ନାନା ପ୍ରକାର ଅସୁବିଧା ହୁଏ ବୋଲି ବିଶ୍ୱାସ ରହିଛି । ଏହି କାରଣରୁ ଅତିଥି ଓ ଅନ୍ୟାନ୍ୟ ବାହାରଲୋକଙ୍କ ଉଠାବସା ନିମନ୍ତେ ଏକ ସ୍ୱତନ୍ତ୍ର ବଖରା ରହିଥାଏ । ସେହି ଘରଟିକୁ ମଧ ମହିଳାମାନଙ୍କ ପ୍ରସବଗୃହ ଭାବରେ ବ୍ୟବହାର କରାଯାଏ ।



ଆଗରୁ ପାଉଡ଼ି ଭୂୟାଁମାନେ ମାଟିପାତ୍ର ବ୍ୟବହାର କରୁଥିଲେ । ଏବେ ମାଟିପାତ୍ର ବଦଳରେ ଆଲୁମିନିୟମ ବାସନ କୁସନ ବ୍ୟବହାର କରୁଛନ୍ତି । ଯାହାହେଲେବି ମାଟିପାତ୍ର, ଲାଉତୁମ୍ବା, ଖଜୁରୀ ପଟି, କାଠଖଟ, ପତ୍ରତିଆରି ଛତା, ତଲାରି, ବାଉଁଶ ଝୁଡ଼ି, ଝାଡ଼ୁ, ଶିଳ, କୁରାଢ଼ୀ, ଛୁରୀ, ଧନୁ, ତୀର, ହଳ ଲଙ୍ଗଳ, କିରୋସିନି ଲ୍ୟାମ୍ପ ପରି କେତେକ ସାଧାରଣ ଜୀବନରେ ବ୍ୟବହାର ଉପଯୋଗୀ ଜିନିଷ ରଖାଯାଇଥାଏ ।






# ଅର୍ଥନୈତିକ ଜୀବନ




ପାଉଡ଼ିଭୂୟାଁମାନେ ପୋଡୁଚାଷ କରନ୍ତି । ଏହାକୁ 'କମଣ' କୁହାଯାଏ । ଜଙ୍ଗଲ ଜମିର ଯେଉଁ ଅଂଶରେ ପୋଡୁଚାଷ କରାଯାଏ ତାହା ବିରିଙ୍ଗା ନାମରେ ପରିଚିତ । ବିରିଙ୍ଗା ଜମିରେ ପାଉଡ଼ି ଭୂୟାଁମାନଙ୍କର ବ୍ୟକ୍ତିଗତ ତଥା ପାରିବାରିକ ଅସ୍ଥାୟୀ ସ୍ଵତ୍ଵାଧିକାର ଥାଏ । କିଛି ବର୍ଷପରେ ସେହି ଜମି ଉଠିଆ ହୋଇଗଲେ ତାହା ଗ୍ରାମବାସୀଙ୍କର ସମୂହ ସମ୍ପତ୍ତି ପାଲଟିଯାଏ । ଦ୍ଵିତୀୟ ବର୍ଷରେ ଏହାକୁ କମଣ ଓ ତୃତୀୟ ବର୍ଷରେ ଗୁଡ଼ା କହନ୍ତି । ସେମାନେ ବିରିଙ୍ଗାରେ ବିରି , ଶିମ୍ୱ, କଖାରୁ ଓ ଗୁଡ଼ାରେ ଧାନ, ବାଜରା, ବରଗୁଡ଼ି ଆଦି ଚାଷ କରନ୍ତି ।

ଧାନ ଚାଷ କରାଯାଉଥିବା କ୍ଷେତକୁ ବିଲ ବା ଜମି କହନ୍ତି । ବିଲ ବା ଜମି ବ୍ୟକ୍ତିଗତ ମାଲିକାନାରେ ଥାଏ । ଏହି ଜମି ପ୍ରାୟତଃ ଜଳସେଚିତ । ଅନ୍ୟ ଜମି ତୁଳନାରେ ଏହାର ମୂଲ୍ୟ ଅଧିକ । ଚାଷ ନିମନ୍ତେ ଏହା ସର୍ବୋତ୍କୃଷ୍ଟ ବୋଲି ବିଚାର କରାଯାଏ । ବାସଗୃହ ସନ୍ନିକଟରେ ଥିବା ଘରୋଇ ବଗିଚାକୁ ବାଡ଼ି କହନ୍ତି । ବାଡ଼ିରେ ବିଭିନ୍ନ ପନିପରିବା, ମକା, ସୋରିଷ ଆଦି ଚାଷ କରାଯାଏ । ବାଡ଼ିର ଭୂମି ବହୁତ ଉର୍ବର ।





ଯୁବ ସଂଗଠନ ନିମନ୍ତେ ଅବିବାହିତ ଯୁବକ ଯୁବତୀମାନେ ଏକାଠି ହୋଇ ସାମୂହିକ ଚାଷ କରନ୍ତି । ସେହିପରି ଗ୍ରାମବାସୀମାନଙ୍କ ମିଳିତ ଉଦ୍ୟମରେ ଚାଷରୁ ଯେଉଁ ଫସଲ ଉତ୍ପାଦନ ହୁଏ ତାହା ଗୋଷ୍ଠୀସ୍ତରୀୟ ପର୍ବପର୍ବାଣି ଓ ଉତ୍ସବାଦି ଅନୁଷ୍ଠାନରେ ଖର୍ଚ୍ଚ ହୁଏ । ପୋଡୁଚାଷ କରିବା ନିମନ୍ତେ ଗୋଟିଏ ଗାଁର ଜମିର ଅଭାବ ଥିଲେ ପଡ଼ୋଶୀ ଗ୍ରାମବାସୀଙ୍କୁ ଅନୁରୋଧ କରି କିଛି ପୋଡୁଜମି ଅସ୍ଥାୟୀ ଭାବରେ ଅଣାଯାଏ । ଏପରି କରିବାକୁ ହେଲେ ପଡ଼ୋଶୀ ଗ୍ରାମବାସୀଙ୍କୁ ଭୋଜିଭାତ ଓ ମଦଦେଇ ସନ୍ତୁଷ୍ଟ କରିବାକୁ ପଡ଼େ । ଜୀବିକା ନିର୍ବାହ ନିମନ୍ତେ କେତେକ ପାଉଡ଼ିଭୂୟାଁ ପୋଡୁଚାଷ କରନ୍ତି, ଆଉ କେତେକ ଦିନ ମଜୁରୀ ଲାଗନ୍ତି । ପୁରୁଷ ଓ ମହିଳା ସମସ୍ତେ କାମ କଲେ ମଧ୍ୟ କେତେକ ନିର୍ଦ୍ଦିଷ୍ଟ କାମ କେବଳ ପୁରୁଷମାନେ କରିଥାନ୍ତି । ହଳ କରିବା, ମଞ୍ଜି ବୁଣିବା, ଘର ଛପର କରିବା, ଗଛ ଚଢିବା ଓ ଶିକାର କରିବା ଭଳି କାମ କେବଳ ପୁରୁଷମାନେ କରିଥାନ୍ତି । ରୋଷେଇ, ଘରକାମ ଓ ପିଲାମାନଙ୍କର ଯତ୍ନନେବା ମହିଳା









ମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ । ଜମିରୁ ଅନାବନା ଘାସ ବାଛିବା; ଘଞ୍ଚ ବୁଦା କାଟି ସଫା କରିବା, ସାରଦେବା, ଫସଲ କାଟିବା, ଘରର କାନ୍ଥ, ଚଟାଣ ଲିପାପୋଛା କରିବା, ଘର ଓଳାଇବା, ମସିଣା ବୁଣିବା, ରୋଷେଇ କରିବା ପ୍ରାୟତଃ ମହିଳାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ।

ଆବଶ୍ୟକ ସ୍ଥଳେ ପାଉଡ଼ି ଭୂୟାଁମାନେ ନିଜ ଗୋଷ୍ଠୀ ଭିତରେ ପରସ୍ପରକୁ ବିଭିନ୍ନ କର୍ମରେ ସାହାଯ୍ୟ କରନ୍ତି । ଏଥିପାଇଁ କେତେକ କ୍ଷେତ୍ରରେ ଦୈନିକ ମଜୁରୀ ଓ ଆଉ କେତେକ କ୍ଷେତ୍ରରେ ବାର୍ଷିକ ମଜୁରୀ ବା ପାଉଣା ନିର୍ଦ୍ଧାରିତ ହୋଇଥାଏ । କାମ କରିବାକୁ କେହି କାହାକୁ ବାଧ କରେ ନାହିଁ । ଶ୍ରମ ଲାଘବ ନିମନ୍ତେ କାମ କଲାବେଳେ ସେମାନେ ଗୀତ ବୋଲିଥାନ୍ତି । ଗୀତର ସୁରରେ ଜୀବନର ସବୁ କ୍ଳାନ୍ତ, ଅବସାଦ ହଜିଯାଏ ।

ଫସଲକୁ ନାନା ପ୍ରକାର ପ୍ରାକୃତିକ ଦୁର୍ବିପାକ ଓ ପଶୁପକ୍ଷୀ କୀଟପତଙ୍ଗଙ୍କ କବଳରୁ ରକ୍ଷା କରିବା ନିମନ୍ତେ ସେମାନେ ପ୍ରକୃତିର ଉପାସନା କରିଥାନ୍ତି । ପୂଜା କରି ପ୍ରକୃତି ଦେବୀଙ୍କୁ ସନ୍ତୁଷ୍ଟ କରନ୍ତି । ଗୋଟିଏ ଫସଲ ଉତ୍ପାଦନ ପରେ ଆଉ ଗୋଟିଏ ଫସଲର ଆରମ୍ଭ । ଏହି ବିରତି ସମୟର ସତ୍ ବ୍ୟବହାର କରି ଆନନ୍ଦ ଉତ୍ସାହରେ ପର୍ବପର୍ବାଣି ପାଳନ୍ତି ପାଉଡ଼ି ଭୂୟାଁମାନେ ।



ପୋଡୁଚାଷ ଓ ସାଧାରଣ ଚାଷ ବ୍ୟତୀତ ସେମାନେ ଶିକାର, ମାଛ ଧରିବାଓ ଖାଦ୍ୟ ସଂଗ୍ରହ କରିବା କାର୍ଯ୍ୟ ମଧ କରିଥାନ୍ତି । ବିକ୍ରି କରିବା ପାଇଁ ହେଉ ଅଥବା ନିଜର ପାରିବାରିକ ଖର୍ଚ୍ଚ ନିମନ୍ତେ ହେଉ ସେମାନେ ନିକଟସ୍ଥ ଜଙ୍ଗଲରୁ - ଛତୁ, କନ୍ଦମୂଳ, କଅଁଳିଆ ଡ଼ାଳ, ପତ୍ର, ଫଳ, କୋଳି, ମଞ୍ଜି ଆଦି ସଂଗ୍ରହ କରିଥାନ୍ତି । ପ୍ରାୟ ସବୁ ଋତୁରେ ପାଉଡ଼ି ଭୂୟାଁମାନେ ଜଙ୍ଗଲରୁ ଲଘୁ ବନଜାତ ଦ୍ରବ୍ୟ ଯଥା - ଲାଖ, ଝୁଣା, ଚାରକୋଳି, ଜଙ୍ଗଲି ଘାସରୁ ପ୍ରସ୍ତୁତ ଦଉଡ଼ି, ଜାଳେଣୀ କାଠ ଓ ଅନ୍ୟାନ୍ୟ ଦ୍ରବ୍ୟ ସଂଗ୍ରହ କରନ୍ତି । ପାଉଡ଼ି



ଭୂୟାଁ ମାନଙ୍କ ସାମାଜିକ ଓ ଆର୍ଥିକ ଜୀବନ ଜଙ୍ଗଲ ସହିତ ଜଡ଼ିତ ।



ପାଉଡ଼ି ଭୂୟାଁମାନେ ଗାଈ, ବଳଦ, ମଇଁଷି, ଛେଳି, ମେଣ୍ଢା, କୁକୁଡ଼ା ଆଦି ପାଳନ କରନ୍ତି । କୁକୁଡ଼ା ଓ ଛେଳି କେବଳ ପାରିବାରିକ ଖର୍ଚ୍ଚ ତୁଲାଇବା ତଥା ମାଂସ ଛଡ଼ା ଦେବଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ବା ବଳିଦେବା ପାଇଁ ମଧ୍ୟ ପାଳନ କରିଥାନ୍ତି । ଗାଈ, ବଳଦଆଦି ଗୃହପାଳିତ ପଶୁମାନଙ୍କର ଚରାଇବା ଦାୟିତ୍ୱ କେତେବେଳେ କୌଣସି ବ୍ୟକ୍ତି ଉପରେ ନ୍ୟସ୍ତ ହୁଏତ ଆଉ କେତେବେଳେ ନିଜ ଗୋଷ୍ଠୀ ଭିତରେ ଦାୟିତ୍ୱ ବାଣ୍ଟି ଦିଆଯାଇଥାଏ । ଯାହାର ପାଳି ଯେତେଦିନ ପଡ଼େ ସେ ସେତେଦିନ ଗାଈ, ବଳଦ, ମଇଁଷି ଆଦିଙ୍କର ଜଗାରଖା ଦାୟିତ୍ୱ ତୁଲାଏ । ଗୋ-ସମ୍ପଦର ବିକାଶ ନିରାପତ୍ତା ଓ ସୁରକ୍ଷା ନିମନ୍ତେ ସେମାନେ କେତେକ ପୂଜା କରିଥାନ୍ତି ।

ଭଲ ବାଉଁଶ କାମ ନିମନ୍ତେ ପାଉଡ଼ି ଭୂୟାଁମାନେ ଜଣାଶୁଣା । ସେମାନଙ୍କର ବସତି ଅଞ୍ଚଳରେ ବହୁତ ବାଉଁଶ ଦେଖିବାକୁ ମିଳେ । ଅବସର ସମୟରେ ସେମାନେ ବିଭିନ୍ନ ପ୍ରକାର ଝୁଡ଼ି, ଧାନ ରଖିବା ପାତ୍ର, କୁଲା, ବାଉଁଶ ପଟି ଆଦି ତିଆରି କରନ୍ତି । ଏସବୁ ଭିନ୍ନ ଭିନ୍ନ ଆକାର ଓ ପ୍ରକାରର ହୋଇଥାଏ । ଖଜୁରୀ ପତ୍ରରେ ମହିଳମାନେ ସୁନ୍ଦର ମସିଣା ବୁଣିଥାନ୍ତି ।











ବାଣିଜ୍ୟ ଓ ବ୍ୟବସାୟ ପ୍ରତି ପାଉଡ଼ି ଭୂୟାଁମାନଙ୍କର ସେତେଟା ରୁଚି ନଥାଏ । ସେମାନେ ଦୈନନ୍ଦିନ ଜୀବନରେ କେତେକ କୃଷିଜାତ ଓ ଜଙ୍ଗଲ ଜାତ ଦ୍ରବ୍ୟର ଅଦଳ ବଦଳ କରିଥାନ୍ତି । ସଂପ୍ରତି ଘର ଖର୍ଚ୍ଚ ତୁଲାଇବା ନିମନ୍ତେ କେତେକ ବଳକା ବିକ୍ରିଯୋଗ୍ୟ ଦ୍ରବ୍ୟକୁ ସେମାନେ ବଜାରରେ ବିକ୍ରି କରୁଥିବାର ଦେଖାଯାଉଛି । ସରକାରଙ୍କ ତରଫରୁ ବିଭିନ୍ନ ପ୍ରତିକାର ମୂଳକ ବ୍ୟବସ୍ଥା ସତ୍ତ୍ୱେ ପାଉଡ଼ି ଭୂୟାଁମାନେ ସଚେତନତାର ଅଭାବ ଯୋଗୁ ଅଦ୍ୟାବଧି ଋଣଦାତା ମାନଙ୍କ ଶୋଷଣର ଶିକାର ହେଉଛନ୍ତି । ସ୍ଥାନୀୟ ସାହୁକାରମାନେ ଋଣ ଦେଇ ଅଧିକ ସୁଧ ନେଉଛନ୍ତି । ବାହାର ବ୍ୟବସାୟୀମାନଙ୍କ ଦ୍ୱାରା ମଧ ପାଉଡ଼ିଭୂୟାଁମାନେ ଠକାମି ଓ ଶୋଷଣର ଶିକାର ହେଉଛନ୍ତି ।

ପାଉଡ଼ିଭୂୟାଁ ସମାଜରେ ଶିକାର ଏକ ସାମାଜିକ - ସାଂସ୍କୃତିକ ପରମ୍ପରା । ଶିକାରକୁ ଗଲାବେଳେ ସେମାନେ ଧନୁ ତୀର ଛତା, ବହୁବିଧ ଶିକାର ଉପକରଣ ମଧ ନେଇଥାନ୍ତି । ବେଳେବେଳେ ଗୋଷ୍ଠୀ ଶିକାରରେ ବାହାରନ୍ତି । ଗୋଷ୍ଠୀ ଶିକାରରେ ବିଫଳ ହେଲେ ସେ ବର୍ଷର ଚାଷ ଭଲ ହେବ ନାହିଁ ବୋଲି ମଧ ବିଶ୍ୱାସ ରହିଛି । ଶିକାରକୁ ବାହାରିବା ପୂର୍ବରୁ ଧର୍ମଦେବତା ସୂର୍ଯ୍ୟଙ୍କୁ, ମାଟିମାତା ବାସୁକୀଙ୍କୁ, ଗ୍ରାମଦେବୀ ଗାଇଁଶିରୀଙ୍କୁ, ଗ୍ରାମସୁରକ୍ଷା ଦେବତାଙ୍କୁ କୁକୁଡ଼ା ବଳି ଦେଇ ପୂଜା କରାଯାଏ । ଏହାଦ୍ୱାରା ଶିକାରରେ ସଫଳତା ମିଳେ ବୋଲି ବିଶ୍ୱାସ କରାଯାଏ । ଯେଉଁ ଶିକାରୀ ଶିକାର











କରିବାରେ ସଫଳତା ହାସଲ କରେ ତାକୁ ମହିଳାମାନେ ଏକାଠି ହୋଇ ଉଚ୍ଚ ପ୍ରଶଂସା କରିବା ସହିତ ଭବ୍ୟ ସମ୍ବର୍ଦ୍ଧନା ଦେଇଥାନ୍ତି । ସେହି ଶିକାରୀକୁ ନୂତନ ବସ୍ତ୍ର ଦିଆଯାଏ । ତିନିଦିନ ବ୍ୟାପୀ ଏହି ଶିକାର ପର୍ବ ଅନୁଷ୍ଠିତ ହୁଏ । କେବଳ ଆମିଷ ଖାଦ୍ୟ ବା ଖାଇବା ପାଇଁ ମାଂସ ସଂଗ୍ରହ କରିବା ଶିକାରର ଲକ୍ଷ୍ୟ ନୁହେଁ ବରଂ ଏହା ଏକ ଧାର୍ମିକ ପରମ୍ପରା। ପୁରୁଷ ଶିକାରୀମାନେ ଗାଁକୁ ଫେରିଲାପରେ ମହିଳାମାନେ ସେମାନଙ୍କୁ ଆଦର ଅଭ୍ୟର୍ଥନା ସହ ସାମାଜିକ ପରମ୍ପରା ନିର୍ବାହ କରିଥାନ୍ତି । ଜଙ୍ଗଲ ସମ୍ପଦର ଦ୍ରୁତ ଅବକ୍ଷୟ କାରଣରୁ ଶିକାର ଆଉ ଏକ ଗୋଷ୍ଠୀ ଅଭିଯାନ ନ ହୋଇ କ୍ରମଶଃ ବିଲୁପ୍ତ ହେବାରେ ଲାଗିଛି ।





ପାହାଡ଼ି ଝରଣା, ନଦୀ ଓ ନଦୀଧାରକୁ ପୁରୁଷ ଓ ମହିଳାମାନେ ମାଛ ଧରିବାକୁ ଯାଆନ୍ତି । ଖାଲିହାତରେ, ବନ୍‌ଶୀରେ ଓ ମାଛଧରା ଖାପରେ ସେମାନେ ମାଛ ଧରନ୍ତି । ପିନ୍ଧୁଥିବା ବସ୍ତ୍ର ବ୍ୟବହାର କରି ବେଳେବେଳେ ମାଛ ଧରୁଥିବାର ଦେଖାଯାଏ । ଏହାଦ୍ୱାରା ପାଣିଛାଣି ହୋଇଯାଏ । ଏହି ପ୍ରକ୍ରିୟାରେ ଛୋଟଛୋଟ ମାଛ ଧରିହୁଏ । ବର୍ଷା ଋତୁରେ ଧାନ କିଆରୀରେ ଖଇଞ୍ଚି ବସାଇ ମାଛ ଧରାଯାଏ । ମାଛକୁ ଭାଜି, ତରକାରୀ କରି ଖିଆଯାଏ । ବଳକା ମାଛକୁ ଶୁଖାଇ ଶୁଖୁଆ କରାଯାଏ ।
















ପାହାନ୍ତାରୁ ସନ୍ଧ୍ୟାଯାଏ ପାଉଡ଼ି ଭୂୟାଁମାନେ କାମରେ ଲାଗିଥାନ୍ତି । ଘର ଅଗଣା ସଫା କରିବା ଧାନକୁଟିବା, ବାସନ କୁସନ ସଫା କରିବା, ଖାଦ୍ୟ ପ୍ରସ୍ତୁତ କରିବା, ପିଲାମାନଙ୍କର ଯତ୍ନନେବା, ଗାଈଗୁହାଳ ପରିଷ୍କାର କରିବା ଆଦି ବହୁମୁଖୀ କାମକୁ ମହିଳାମାନେ ସମ୍ପାଦନ କରିଥାନ୍ତି । ଏହାବ୍ୟତୀତ ସେମାନେ ମଧ୍ୟ ଅନ୍ୟାନ୍ୟ ଘରୋଇକାମ କରିଥାନ୍ତି । ସକାଳୁ ସକାଳୁ ପୁରୁଷମାନେ କାମରେ ବାହାରକୁ ବାହାରିଗଲାବେଳେ ମହିଳାମାନେ ଘରେ ରୋଷେଇ କରନ୍ତି । ଖାଦ୍ୟ ପ୍ରସ୍ତୁତ ପରେ ସାରା ପରିବାର ଖାଆନ୍ତି ଓ ସାଥିରେ ଖାଦ୍ୟଧରି ସମସ୍ତେ କାର୍ଯ୍ୟକ୍ଷେତ୍ରକୁ ବାହାରିପଡ଼ନ୍ତି ।

କାମରୁ ଫେରିବା ବେଳେ ପୁରୁଷମାନେ ଜାଳେଣୀ କାଠ ଓ ମହିଳାମାନେ ପତ୍ର ଓ ଅନ୍ୟାନ୍ୟ ବନଜାତ ଦ୍ରବ୍ୟ ସଂଗ୍ରହକରି ଫେରିଥାନ୍ତି । ମହିଳାମାନେ ସନ୍ଧ୍ୟାରେ ଘରକୁ ଫେରି ପୁନର୍ବାର ରୋଷେଇ କାମରେ ବ୍ୟସ୍ତ ରହନ୍ତି । ଏହି ସମୟରେ ପୁରୁଷମାନେ ଗାଁର ଦରବାର ଘରେ ଏକାଠି ହୋଇ ଗପସପ, ଆଳାପ ଆଲୋଚନା କରିଥାନ୍ତି । ବିଳମ୍ବିତ ସନ୍ଧ୍ୟାରେ ଖାଇପିଇ ବିଶ୍ରାମ ନିଅନ୍ତି । ଋତୁ ଅନୁସାରେ ଦୈନନ୍ଦିନ କାର୍ଯ୍ୟଧାରାରେ ପରିବର୍ତ୍ତନ ହୋଇଥାଏ ।









# ସାମାଜିକ ସଙ୍ଗଠନ

ପାଉଡ଼ିଭୂୟାଁମାନେ ସାମାଜିକ ସୂତ୍ରରେ ପରସ୍ପର ସହ ବାନ୍ଧିହୋଇଥାନ୍ତି । ପାରମ୍ପରିକ ସାମାଜିକ ନିୟମକୁ ମାନିବା ସମସ୍ତଙ୍କର ପ୍ରାଥମିକ କର୍ତ୍ତବ୍ୟ । ପରିବାରକୁ ଏକ କ୍ଷୁଦ୍ର ସାମାଜିକ ଏକକ ଭାବରେ ଧରି ନିଆଯାଏ । ଏକ ଗୋଷ୍ଠୀର ସମସ୍ତ ସଦସ୍ୟ ପରସ୍ପର ସହ ଜନ୍ମସୂତ୍ରରେ ଅଥବା ବୈବାହିକ ସୂତ୍ରରେ ସମ୍ପର୍କୀୟ ହୋଇଥାନ୍ତି । ସ୍ୱଗୋତ୍ର ମଧ୍ୟରେ ବିବାହ ବିଧି ନିଷିଦ୍ଧ । ବିବାହ ପରବର୍ତ୍ତୀ କାଳରେ ଜଣେ ମହିଳା ତା ସ୍ୱାମୀ ପରିବାରର ସଦସ୍ୟା ପାଲଟିଯାଏ । ଘରଜ୍ୱାଇଁ ମଧ୍ୟ ଶ୍ୱଶୁର ପରିବାରର ଏକ ସଦସ୍ୟ ହୋଇଯାଇଥାଏ ।

ପୁତ୍ରମାନେ ସବୁବେଳେ ପାରିବାରିକ ସମ୍ପତ୍ତିର ଉତ୍ତରାଧିକାରୀ ସାବ୍ୟସ୍ତ ହୁଅନ୍ତି । ସେମାନେ ସମସ୍ତ ପୈତୃକ ସ୍ଥାବର ଅସ୍ଥାବର ସମ୍ପତ୍ତିକୁ ପୁରୁଷାନୁକ୍ରମେ ଭୋଗ ଦଖଲ କରନ୍ତି । ମାତ୍ର ସମ୍ପତ୍ତି ଭାଇମାନଙ୍କ ଭିତରେ ବଣ୍ଟାକୁଣ୍ଟା ହେବା ସମୟରେ ବଡ଼ ଭାଇ ଜ୍ୟେଷ୍ଠଅଂଶ ପାଏ । ବିବାହିତ ଝିଅ କୌଣସି ସ୍ଥାବର ସମ୍ପତ୍ତି ଦାବୀ କରେ ନାହିଁ । ପୁଅ ନଥିବା ପରିବାରର ସ୍ଥାବର ସଂପତି ତାଙ୍କ ବଂଶର ପୁରୁଷ ସଦସ୍ୟଙ୍କ ନିକଟକୁ ଯାଇଥାଏ ।

















ଝିଅଟିଏ ବିବାହ ପର୍ଯ୍ୟନ୍ତ ପିତାମାତାଙ୍କ ପାଖରେ ରହେ । ବିବାହ ପରେ ଝିଅଟି ତା ' ସ୍ୱାମୀଘରକୁ ଗଲେ ମଧ ତା'ର ବାପଘର ସହିତ ସମ୍ପର୍କ ତୁଟେ ନାହିଁ । ପାଉଡ଼ିଭୂୟାଁମାନଙ୍କ ପରିବାର ପିତୃ କୈନ୍ଦ୍ରିକ । ବାପା ପରିବାରର ମୁଖ୍ୟ । ବାପାଙ୍କ ଅନ୍ତେ ବଡ଼ପୁଅ ଘର ଚଳାଇବାର ଗୁରୁ ଦାୟିତ୍ୱ ବହନ କରେ । ମା'ର ମତାମତ ଗୁଡ଼ିକୁ ବିଚାରକୁ ନିଆଯାଏ । ମା ବିଧବା ହେଲେବି ସମସ୍ତେ ତାଙ୍କୁ ଉପଯୁକ୍ତ ସମ୍ମାନ ଦିଅନ୍ତି ଓ ତାଙ୍କ କଥା ଗ୍ରହଣ କରନ୍ତି ।

ପାଉଡ଼ି ଭୂୟାଁ ସମାଜରେ ମୌଳିକ ପରିବାର, ଯୌଥ ପରିବାର, ସମ୍ପ୍ରସାରିତ ପରିବାର ପରିଲକ୍ଷିତ ହୋଇଥାଏ । ମାତ୍ର ବର୍ତ୍ତମାନ ଯୁଗରେ ସାଧାରଣତଃ ମୌଳିକ ପରିବାର ଦେଖାଯାଉଛି । ଶିକାରପର୍ବ, ପୋଡୁଚାଷ, ବାର୍ଷିକ ରାଜସ୍ୱ ଆଦାୟ, ଗ୍ରାମଚାନ୍ଦା, ଗ୍ରାମୀଣ ପର୍ବପର୍ବାଣୀ ଆଦି ଉତ୍ସବ ଅନୁଷ୍ଠାନରେ ପରିବାରର ପ୍ରମୁଖ ଭୂମିକା ଥାଏ । ପୂର୍ବପୁରୁଷଙ୍କୁ କୃତଜ୍ଞତା ଜଣାଇବା ଓ ସନ୍ତୁଷ୍ଟି ବିଧାନ ନିମନ୍ତେ କେତେକ ସାମାଜିକ ପରମ୍ପରା ରହିଛି । ପରିବାରକୁ ଛାଡ଼ିଦେଲେ କୁଟୁମ୍ବଙ୍କ ଉପରେ ମଧ ପ୍ରାଧାନ୍ୟ ଦିଆଯାଏ । ବନ୍ଧୁ ସମ୍ପର୍କର ଏକ ଗୋଷ୍ଠୀ ଏକ ବୃହତ୍ତର କୁଟୁମ୍ବ "ଖିଲି" ହିସାବରେ ଗଠିତହୁଏ ।

କୁଟୁମ୍ବରେ କେହି ସଦସ୍ୟ ମୃତ୍ୟୁବରଣ କଲେ ସମସ୍ତେ ଅଶୌଚ ପାଳନ କରନ୍ତି । ପର୍ବପର୍ବାଣି ଅବା କୌଣସି ଉତ୍ସବ ଅନୁଷ୍ଠାନ ଉପଲକ୍ଷେ ଶିକାରରେ ସଫଳତା ମିଳିବା ଘଟଣାରେ କୁଟୁମ୍ବ ବା ଖିଲିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ପାଉଡ଼ି ଭୂୟାଁ ସମାଜରେ କୁଟୁମ୍ବ ଖିଲି ଓ ବନ୍ଧୁଖିଲି ପ୍ରଥା ଦେଖାଯାଏ । କୁଟୁମ୍ବ ଖିଲି ମଧରେ ବିବାହ ସମ୍ବନ୍ଧ ସ୍ଥାପିତ ହୁଏନାହିଁ । ଏହା କେବଳ ବନ୍ଧୁଖିଲି ମଧରେ ଚଳେ ।









ପାଉଡ଼ି ଭୂୟାଁ ଗାଁରେ ସମସ୍ତଙ୍କ ମଧ୍ୟରେ ସାମାଜିକ ସଂହତି ପରିଦୃଷ୍ଟ ହୁଏ । ସମସ୍ତେ ସମସ୍ତଙ୍କର ସୁଖ ଦୁଃଖରେ ଭାଗିଦାର ହୁଅନ୍ତି । ଦରବାର ଘର, ବିରିଙ୍ଗା ଚାଷ, ଗୋଷ୍ଠୀଶ୍ରମ ଅଥବା କାହାର ମୃତ୍ୟୁ ଆଦି ଘଟଣାରେ ଗାଁର ଭୂମିକା ଉଲ୍ଲେଖନୀୟ । ଗୋଷ୍ଠୀଗତ କାର୍ଯ୍ୟସାଧନ ନିମନ୍ତେ ସ୍ୱତନ୍ତ୍ର ସ୍ଥାନ ନିରୂପଣ କରାଯାଇଥାଏ ।

ପ୍ରତି ପାଉଡ଼ି ଭୂୟାଁ ଗାଁ ଏକ ସ୍ୱତନ୍ତ୍ର ସାମାଜିକ ଓ ଅର୍ଥନୈତିକ ଏକକ । ସମସ୍ତଙ୍କର ସ୍ୱତନ୍ତ୍ର ରାଜନୈତିକ ପରିଷଦରହିଥାଏ । ପ୍ରତି ପରିଷଦର ପରିଚାଳନା ଶୈଳୀ ଓ ଅନୁଶାସନ ସ୍ୱତନ୍ତ୍ର । ଦୁଇଟି ଭିନ୍ନ ଗ୍ରାମର କିଶୋର କିଶୋରୀ ମାନଙ୍କ ମଧ୍ୟରେ ମିଳାମିଶା, ଥଟ୍ଟା ପରିହାସ, ହସଖୁସି ଚାଲେ । ପରସ୍ପର ଭିତରେ ଉପହାର ଆଦାନ ପ୍ରଦାନ ହୁଏ । ଏଇ ଉପହାର ଭଲପାଇବାର ଏକ ସ୍ମାରକ । ପାଉଡ଼ିଭୂୟାଁ ସମାଜରେ ପୀଢ଼ ଏକ ବୃହତ୍ତର ଅନୁଷ୍ଠାନ । ସାମାଜିକ ଓ ରାଜନୈତିକ ଉଦ୍ଦେଶ୍ୟରେ କେତେକ ଗ୍ରାମ ଏକାଠି ଗୋଟିଏ ସଙ୍ଗଠନ ଗଢ଼ିଥାନ୍ତି । କୌଣସି ବିଶେଷ ସମାଜିକ ଘଟଣାର ବିଚାର, ଆଲୋଚନା ଅଥବା ନିଷ୍ପତ୍ତି ସମୟରେ ସମସ୍ତ ଗ୍ରାମର ସଦସ୍ୟମାନେ 'ପୀଢ଼'ରେ ଏକତ୍ରିତ ହୁଅନ୍ତି ।





ଆନ୍ତଃଗ୍ରାମ ସମ୍ପର୍କୀୟ ବିବାହ, କୃଷିକର୍ମ ଉଦ୍ଦେଶ୍ୟରେ ଗୋଷ୍ଠୀଶ୍ରମ, କିଶୋର କିଶୋରୀ ମାନଙ୍କ ସମବେତ ନୃତ୍ୟ-ସଙ୍ଗୀତ ଆୟୋଜନ, ଗାଁ ଗାଁ ମଧ୍ୟରେ ମଦର ଅଦଳ ବଦଳ ଆଦି କେତେକ କର୍ମ 'ପୀଢ଼'ରେ ସମ୍ପାଦିତ ହୋଇଥାଏ । ପୀଢ଼ରେ ବିଚାର ଓ ନିଷ୍ପତ୍ତି ନିଆଯାଏ । 'ପୀଢ଼'ରେ ସ୍ୱତନ୍ତ୍ର "ପୀଢ଼ ଦେହୁରୀ" ଥାଏ । ପୀଢ଼ସ୍ତରୀୟ ସମସ୍ତ ଧାର୍ମିକ ପୂଜା ପଦ୍ଧତି ଓ କର୍ମ କର୍ମାଣୀରେ ପୀଢ଼ ଦେହୁରୀ ମୁଖ୍ୟ । ପୀଢ଼ ଦେହୁରୀଙ୍କ ଦ୍ୱାରା ସାମାଜିକ ଏକତା ଓ ସଂହତି ସୁରକ୍ଷିତ ରହେ ।







# ଦରବାର

ଗାଁର ଅବିବାହିତ ଯୁବକ ଯୁବତୀମାନେ ଯୁବାଘରର ସଭ୍ୟ ହୋଇଥାନ୍ତି । ତାଙ୍କ ଭାଷାରେ ଏହି ଯୁବାଘରକୁ ଦରବାର କୁହାଯାଏ । ଏହା ଗାଁର କେନ୍ଦ୍ରସ୍ଥଳରେ ଅବସ୍ଥିତ । ଗ୍ରାମର ଯୁବକ ଯୁବତୀମାନେ ଏହିଘରକୁ ତିଆରି କରିଥାନ୍ତି । ଗାଁର ସବୁ ଅବିବାହିତ ଯୁବକ ଏହି ଘରର ରକ୍ଷଣାବେକ୍ଷଣ କରନ୍ତି । ଯୁବତୀମାନେ ଲିପାପୋଛା କରନ୍ତି ଓ ନିୟମିତ ଭାବରେ ଚାରିପଟ ପରିଷ୍କାର ପରିଛନ୍ନ ରଖନ୍ତି । ଶସ୍ୟ ଗୋଳାକୁ କାଠ ମଞ୍ଚାରେ ରଖାଯାଇଥାଏ । କାନ୍ଥରେ ଚାଙ୍ଗୁ ଓହଳା ଯାଇଥାଏ । ଯୁବକମାନେ ସେଠାରେ ଅବସର ସମୟ କଟାନ୍ତି ଓ ରାତିରେ ଶୁଅନ୍ତି । ଗାଁର ସମସ୍ତ ଅବିବାହିତ ଯୁବକ ଯୁବତୀ ଦରକାର ବେଳେ ଆବଶ୍ୟକ ହେଉଥିବା ଖର୍ଚ୍ଚ ମେଣ୍ଟାଇବା ନିମନ୍ତେ କିଛି ଜମାରାଶି ବା ସାଧାରଣ ପାଣ୍ଠିର ବ୍ୟବସ୍ଥା କରିଥାନ୍ତି ।

ଅବିବାହିତ ଯୁବକ ଯୁବତୀ ଯୁବାଘର ପ୍ରତି କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ପର୍କରେ ସମ୍ପୂର୍ଣ୍ଣ ଭାବରେ ସଚେତନ ଥାନ୍ତି । ଯେତେବେଳେ ସେମାନଙ୍କର ସେବା ଆବଶ୍ୟକ ପଡ଼େ ସେତେବେଳେ ସେମାନେ ସେବା ଯୋଗାଇ ଦିଅନ୍ତି । ଗୋଟିଏ ଗାଁର ଯୁବକ ଯୁବତୀ ସେମାନଙ୍କ ବନ୍ଧୁ ଗାଁର ଯୁବକ ଯୁବତୀ ମାନଙ୍କର ଯତ୍ନ ନେଇଥାନ୍ତି । ବନ୍ଧୁ ଗାଁର ଯୁବକ ମାନଙ୍କ ସହିତ ସେହିଗାଁକୁ ଯାଇଥିବା ଯୁବକ ଯୁବତୀମାନେ ଏକ ହୋଇ ନାଚନ୍ତି । ନୃତ୍ୟ ସମୟରେ ପରସ୍ପର ମଧ୍ୟରେ ହସ, କଉତୁକ, ଥଟ୍ଟା, ପରିହାସ ଚାଲେ । ମନପସନ୍ଦର ଉପହାରମାନ ଦିଆନିଆ ହୁଏ । ବେଳେବେଳେ ଅତି ଘନିଷ୍ଠ ଓ ନିବିଡ଼ ସମ୍ପର୍କଥିବା ଯୁବକ ଯୁବତୀ ଦୁଇଜଣ କୌଣସି ନିଭୃତ ସ୍ଥାନକୁ ଚାଲିଯାଆନ୍ତି ଯେଉଁଠି ଯୁବତୀ ଯୁବକକୁ ଖୁସି କରିବାକୁ ଯାଇ ଦେହ ମୋଡ଼ାଘଷା କରିଦିଏ । ଶ୍ରମକ୍ଲାନ୍ତି ଦୂର ହୋଇଯାଏ । ଯୁବକ ଯୁବତୀ ପରସ୍ପରଠାରୁ ଅଲଗା ହେବାବେଳେ ଯୁବତୀଟି ଯୁବକକୁ ବିଦାୟ ଜଣାଇବା ଉଦ୍ଦେଶ୍ୟରେ ତା ସହିତ କିଛିବାଟ ଯାଏ । ଏହା ସେମାନଙ୍କ ମଧ୍ୟରେ ଗଢ଼ିଉଠିଥିବା ଘନିଷ୍ଠତାକୁ ସୂଚାଇଥାଏ । କେତେକ ଘଟଣାରେ ବନ୍ଧୁ ଯୁବତୀକୁ କୌଣସି ଯୁବକ ସହିତ ବିବାହ ଦେବା ଲକ୍ଷ୍ୟରେ ଜୋର ଜବରଦସ୍ତ ରଖି ଦିଆଯାଏ । ବିବାହ ପରେ ଯୁବକ ଅଥବା ଯୁବତୀ ଦରବାରର ସଦସ୍ୟତାରୁ ବଞ୍ଚିତ ହୁଅନ୍ତି । ମାତ୍ର ସେମାନଙ୍କୁ ପାରମ୍ପରିକ ସାମାଜିକ ପ୍ରଥା ଅନୁଯାୟୀ ଭୋଜିଭାତରେ ଆପ୍ୟାୟିତ କରିବା ସହିତ ବିଦାୟ ସମ୍ବର୍ଦ୍ଧନା ଦିଆଯାଏ । ପରସ୍ପର ଭିତରେ ସ୍ନେହ, ସହଯୋଗ, ସହାନୁଭୂତି, ଉତ୍ତମ ବୁଝାମଣା, ଆତ୍ମୀୟତା ଓ ବନ୍ଧୁପଣିଆ ଭାବ ରହିଥାଏ । ସରକାରୀ ଅଧିକାରୀ ଓ ବାହାର ଅତିଥି କେହି ଗାଁକୁ ଆସିଲେ ସେହି ଦରବାର ଘରେ ରାତ୍ରିଯାପନ କରନ୍ତି । ଦିନକୁ ଦିନ ଏହି ଅନୁଷ୍ଠାନ ତା'ର ପରିଚୟ ଓ ଗାରିମା ହରାଇବାରେ ଲାଗିଛି ।









# ଧର୍ମ



କେତେକ ଦେବାଦେବୀ ଓ ଆତ୍ମାଙ୍କ ସମ୍ପୂର୍ଣ୍ଣ ଅଧୀନରେ ପୃଥିବୀ ପରିଚାଳିତ ବୋଲି ପାଉଡ଼ି ଭୂୟାଁମାନଙ୍କ ବିଶ୍ୱାସ । ସେମାନଙ୍କର ଶକ୍ତି ଓ କାର୍ଯ୍ୟ ଅନୁସାରେ ସେମାନଙ୍କୁ ପୂଜା କରାଯାଏ । ସେମାନେ ଧର୍ମଦେବତା ସୂର୍ଯ୍ୟ ମହାପ୍ରଭୁଙ୍କୁ ଶ୍ରେଷ୍ଠଶକ୍ତି ବୋଲି ବିଚାର କରନ୍ତି । ମାଟି ମା' ବା ବାସୁକୀ ମାତାଙ୍କୁ ଶ୍ରେଷ୍ଠ ଦେବୀ ଭାବରେ ଗ୍ରହଣ କରନ୍ତି । ସେମାନଙ୍କୁ ସ୍ୱାମୀ ଓ ସ୍ତ୍ରୀ ଭାବରେ ବିଚାର କରାଯାଏ । ଗ୍ରାମଦେବତାଙ୍କୁ ବଡ଼ାମ କୁହନ୍ତି । ବିରଦା ଆଉଜଣେ ପ୍ରମୁଖ ଦେବତା, ପାହାଡ଼ ଦେବତା ପାଟ୍ ନାମରେ ପରିଚିତ । ଦରବାର ଘର ନିକଟରେ ପୂଜା ପାଉଥିବା ଦେବୀ ହେଉଛନ୍ତି ଗାଇଁଶିରୀ । ଗାଁ ଠାକୁରାଣୀଙ୍କ ମହିମା ଅନନ୍ୟ ଓ ଗୁରୁତ୍ୱପୂର୍ଣ୍ଣ । ବିଭିନ୍ନ ପର୍ବ ପର୍ବାଣି, ଧର୍ମକର୍ମ ଆଦି ସାମାଜିକ କ୍ରିୟାକଳାପରେ ଦେବଦେବୀ ମାନଙ୍କୁ ପୂଜାକରି ସନ୍ତୁଷ୍ଟ କରାଯାଏ । ସେହିସବୁ ଦେବଦେବୀଗଣ ଉତ୍ତମ ଗୁଣଯୁକ୍ତ ଓ ଉପକାରୀ ଅଟନ୍ତି । ଦରକାର ହେଲେ ପାଉଡ଼ି ଭୂୟାଁମାନେ ଦୁଷ୍ଟ ଆତ୍ମାମାନଙ୍କୁ ପୂଜା ଦେଇ ସନ୍ତୁଷ୍ଟ କରିଥାନ୍ତି । ସେମାନଙ୍କର ପାରମ୍ପରିକ ଦେବଦେବୀ, ଆତ୍ମା, ଭୂତ, ପ୍ରେତ ଆଦି ବିଶ୍ୱାସ ବାହାରେ ଆହୁରି ଅନେକ ଦେବଦେବୀ ରହିଥିବାର ଜଣାଯାଏ । ସେମାନଙ୍କ ମଧ୍ୟରେ ଶିବ, ଲକ୍ଷ୍ମୀ, ଦୁର୍ଗା ଓ କେତେକ ସ୍ଥାନୀୟ ଦେବଦେବୀ ପ୍ରଧାନ । ଅତି ନିଷ୍ଠା, ଭକ୍ତି ଓ ବିଶ୍ୱାସର ସହିତ ସେମାନେ ବିଶିରୀ ଓଷା ପାଳନ କରନ୍ତି । ଏହି ଓଷାକଲେ କାମନା ପୂରଣ ହେବା ସହିତ ସୁରକ୍ଷା ମିଳେ ।















ଗାଁର ଧାର୍ମିକ ମୁଖ୍ୟଙ୍କୁ "ଦେହୁରୀ" କୁହାଯାଏ । ଗୋଷ୍ଠୀସ୍ତରୀୟ ସମସ୍ତ ପୂଜା ପଦ୍ଧତିରେ ସେ ଦେବ, ଦେବୀ, ଆତ୍ମା ଆଦିଙ୍କୁ ସନ୍ତୁଷ୍ଟ କରିଥାନ୍ତି । ଗ୍ରାମବାସୀ ଦେହୁରୀଙ୍କୁ ଝୁଡ଼ିଭର୍ତ୍ତି ଧାନ ଦିଅନ୍ତି । ଏହାକୁ ସଂରକ୍ଷଣ କରି ଦେହୁରୀ ସାରାବର୍ଷ ଦେବଦେବୀଙ୍କ ପାଖରେ ଭୋଗ ପ୍ରସାଦଲଗାନ୍ତି । ଦେହୁରୀଙ୍କ ପୂଜା ବିଧାନରେ ଗ୍ରାମବାସୀ ଅସନ୍ତୁଷ୍ଟ ହେଲେ ଆବଶ୍ୟକ ସ୍ଥଳେ ନୂତନ ଦେହୁରୀ ବଛାଯାଏ । ପରମ୍ପରା ଅନୁଯାୟୀ ଦେହୁରୀ ପଦଟି ବଂଶାନୁକ୍ରମିକ ହୋଇଥାଏ । ଦେହୁରୀ ଅକ୍ଷମ ହେଲେ ତାଙ୍କ ବଡ଼ପୁଅ ଦେହୁରୀ କାର୍ଯ୍ୟ ତୁଲାଏ । ଦେହୁରୀ ଧାର୍ମିକ ମୁଖ୍ୟ ହୋଇଥିବାରୁ ପୂଜାରେ ଦିଆଯାଉଥିବା ବଳିର ମୁଣ୍ଡ ସେ ପାଇଥାଏ । ସେ କେତେକ ସ୍ୱତନ୍ତ୍ର ସୁବିଧା ସୁଯୋଗ ଉପଭୋଗ କରେ । ଚାଷ କରିବା ନିମନ୍ତେ ଦେହୁରୀକୁ ସ୍ୱତନ୍ତ ଜମି ଗୋଷ୍ଠୀ ତରଫରୁ ଦିଆଯାଏ । ଶିକାର ପର୍ବରେ ଭାଗ କରାଯାଉଥିବା ମାଂସରେ ଦେହୁରୀର ସ୍ୱତନ୍ତ୍ର ଭାଗ ରହେ । ବିନା ପାରିଶ୍ରମିକରେ ଗ୍ରାମବାସୀମାନେ ଦେହୁରୀ ପାଇଁ କାମ କରିଦିଅନ୍ତି । ଦେହୁରୀର ସ୍ତ୍ରୀ ମଧ ଜନ୍ମ, ମୃତ୍ୟୁ, ବିବାହ ଆଦିରେ ଅଂଶଗ୍ରହଣ କରେ ।

ଦୁଷ୍ଟ ଆତ୍ମାକୁ ପୂଜା ମାଧମରେ ସନ୍ତୁଷ୍ଟ କରି ଲୋକମାନଙ୍କୁ ରୋଗ ଯନ୍ତ୍ରଣାରୁ ମୁକ୍ତ କରିବା ରାଉଳିଆର କାମ । ରାଉଳିଆ ଜଣେ ମନସ୍ତତ୍ତ୍ୱବିତ୍, ଜ୍ୟୋତିର୍ବିଦ୍ ଓ ଔଷଧ ପତ୍ର ସମ୍ବନ୍ଧରେ ଜ୍ଞାନ ହାସଲ କରିଥିବା ଭେଷଜ ବିଜ୍ଞାନୀ । ଏତଦ୍‌ବ୍ୟତୀତ ପାଉଡ଼ି ଭୂୟାଁମାନେ ଗୁଣିଗାରେଡ଼ି ମନ୍ତ୍ର ତନ୍ତ୍ରରେ ବିଶ୍ୱାସ କରନ୍ତି । ଗୁଣିଗାରେଡ଼ି ନିମନ୍ତେ ବେଜୁଣୀ ପ୍ରସିଦ୍ଧ । ଲୋକମାନେ ବେଜୁଣୀକୁ ଭୟ କରନ୍ତି । ସହଜରେ କୌଣସି ଘଟଣାରେ ବେଜୁଣୀ ବିରୋଧରେ କେହି ସ୍ୱର ଉଠାନ୍ତି ନାହିଁ ।

ଦେହୁରୀ, ରାଉଳିଆ ଓ ବେଜୁଣୀଙ୍କର ସାମାଜିକ ଗୁରୁତ୍ୱ ଅଧିକ । ସେମାନେ ସମାଜର ପଥ ପ୍ରଦର୍ଶକ ଭାବରେ କାମ କରନ୍ତି । ଉତ୍ତମ ଗୁଣଯୁକ୍ତ ଦେବାଦେବୀ ଓ ଦୁଷ୍ଟ ଆତ୍ମାମାନେ ପୂଜା ଉପଚାର ବଳରେ ସେମାନଙ୍କ ଆୟତ୍ତରେ ରହିଥାନ୍ତି । ସେମାନେ ଗୋଷ୍ଠୀ ସମୁଦାୟର ସାମାଜିକ ସ୍ୱାସ୍ଥ୍ୟ, ସନ୍ତୋଷ ଓ ସମୃଦ୍ଧି ନିମନ୍ତେ କାମ କରନ୍ତି ।











# ପର୍ବପବାଣି

ପାଉଡ଼ି ଭୂୟାଁମାନେ ବର୍ଷସାରା ଅନେକ ପର୍ବପର୍ବାଣି ପାଳନ କରିଥାନ୍ତି । ପ୍ରତି ପର୍ବ ସହ ନିର୍ଦ୍ଦିଷ୍ଟ ଦେବଦେବୀ ସଂଶ୍ଳିଷ୍ଟ । ପ୍ରତ୍ୟେକ ପର୍ବର ପାଳନ ବିଧି ସ୍ୱତନ୍ତ୍ର । ପର୍ବପର୍ବାଣି ଭେଦରେ ଖାଦ୍ୟ ପ୍ରକାର ବି ବଦଳିଥାଏ । ଖାଦ୍ୟ ସାମଗ୍ରୀ ଓ ପ୍ରସ୍ତୁତ ପ୍ରଣାଳୀ ତଥା ଖାଦ୍ୟର ପ୍ରକାର ଭେଦରେ ଭିନ୍ନତା ପର୍ବପର୍ବାଣିର ଅନ୍ୟତମ ଆକର୍ଷଣ ହୋଇଥାଏ । କୃଷି ସାଧାରଣ ଜୀବନର ମେରୁଦଣ୍ଡ ହୋଇଥିବାରୁ କୃଷି କେନ୍ଦ୍ରିକ ପର୍ବପର୍ବାଣି ପାଳନ କରାଯାଏ । ପୋଡୁଚାଷ, ଶିକାର, ମାଛ ଧରିବା; ଜଙ୍ଗଲରୁ ଫଳମୂଳ ସଂଗ୍ରହ କରିବା ଆଦି କାମ କରି ପାଉଡ଼ି ଭୂୟାଁମାନେ ଜୀବନ ନିର୍ବାହ କରନ୍ତି । ଦୁଃଖକୁ ଜୀବନକୁ ଅନୁଭବ ଓ ଉପଭୋଗ କରିବାର ଅନ୍ୟତମ ଉଦ୍ଦେଶ୍ୟ ହେଉଛି ପର୍ବପର୍ବାଣି ପାଳନ । ଏହା ତାଙ୍କୁ କର୍ମରେ ଆଗ୍ରହ ଓ ଉତ୍ସାହ ଆଣିଦିଏ । ଜାନୁଆରୀ ଫେବୃଆରୀ ମାସରେ ସେମାନେ ଆମ୍ - ନୂଆ ପର୍ବ ପାଳନ୍ତି । କଞ୍ଚାଆମ୍ବ ଖାଇବା ଆରମ୍ଭ ପୂର୍ବରୁ ଏହି ପର୍ବର ବେଶ୍ ଗୁରୁତ୍ୱ ରହିଥାଏ । ଏହାର ପରବର୍ତ୍ତୀ ସମୟରେ କୃଷି କ୍ଷେତ୍ରକୁ ଉଠିଆ କରିବାକୁ ଖତ-ସାର ଦେବା କାର୍ଯ୍ୟ ଆରମ୍ଭ ହୁଏ ।

ଜାନୁଆରୀ - ଫେବୃଆରୀ ମାସରେ କାଠଯାତ୍ରା ପାଳିତ ହୁଏ । ସ୍ୱାଦିଷ୍ଟ ପିଠାପଣା ସହିତ ଆମିଷ ଭୋଜନ ଏହି ପର୍ବର ମହତ୍ତ୍ୱକୁ ବଢ଼ାଇଦିଏ । ଏହି ପର୍ବ ପାଳନ ଉପରାନ୍ତ ପାଉଡ଼ି ଭୂୟାଁମାନେ ମହୁଲ ଫୁଲକୁ ଭାଜି ଖାଆନ୍ତି । ମାର୍ଚ୍ଚ ମାସରେ ଗିଲର ଯାତ୍ରା ହୁଏ । ମାର୍ଚ୍ଚ-ଏପ୍ରିଲ ମାସରେ ଶିକାରରେ ସଫଳତା ଲାଭ କରିବା ଉଦ୍ଦେଶ୍ୟରେ ଅଖଣ୍ଡ ପାରିଧି ପାଳନ କରାଯାଏ । ବଡ଼ାମ୍ ଦେବତାଙ୍କୁ ପୂଜା କରାଯାଏ । ଏଥି ସହିତ ଗ୍ରାମଦେବତୀଙ୍କୁ ସନ୍ତୁଷ୍ଟ କରି ବିରିଙ୍ଗା ଚାଷ ନିମନ୍ତେ ଶୁଖି ଯାଇଥିବା ଡାଳପତ୍ରାଦିରେ ନିଆଁ ଲଗାଇବା ପାଇଁ ଅନୁକୂଳ କରାଯାଏ ।



ମେ' ମାସରେ ପୂର୍ବରୁ ପ୍ରସ୍ତୁତ କରାଯାଇଥିବା କ୍ଷେତରେ ବିହନ ବୁଣିବା ପାଇଁ ତିରତିଆ ପାଳନ କରାଯାଏ । ଏହି ପର୍ବ ପାଳନ ବେଳେ ଅନେକ ବିଧିବିଧାନ ଓ ସାମାଜିକ ନିୟମମାନ ମାନିବାକୁ ହୋଇଥାଏ । ଭଲ









ବର୍ଷା ହେବା ନିମନ୍ତେ ଆଷାଢ଼ ପୂଜା କରାଯାଏ । ଆଷାଢ଼ରେ ବର୍ଷା ହେବା ପରେ ଧାନ ବିରି, କୋଳଥ ଆଦି ବୁଣା କାର୍ଯ୍ୟ କରାଯାଏ । କେତେଗୁଡ଼ିଏ ଗାଁର ଲୋକ ମିଶି ଗମ୍ହା ପର୍ବ ପାଳନ କରିବା ପୂର୍ବରୁ ପିଢ଼ ସ୍ତରରେ ପିଢ଼ ଜତାଲ ପର୍ବ ପାଳନ କରାଯାଇ ଗମ୍ହା ପାଇଁ ଅନୁକୂଳ କରାଯାଏ । ଗାଈଗୋରୁଙ୍କୁ ପୂଜା କରିବା ଏହି ପର୍ବର ଅନ୍ୟତମ ଆଭିମୁଖ୍ୟ । ଜୁଲାଇ - ଅଗଷ୍ଟ ମାସରେ ଗହ୍ମାପର୍ବ ଅନୁଷ୍ଠିତ ହୁଏ । ଏହି ପର୍ବ ଉପଲକ୍ଷେ ନୂଆ ନୂଆ ପିଠାପଣା ଓ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ହୁଏ । ସେପ୍ଟେମ୍ବର-ଅକ୍ଟୋବର ମାସରେ ଗ୍ରାମ ଭେଦରେ ଭିନ୍ନ ଭିନ୍ନ ତିଥିରେ ପାଉଡ଼ି ଭୂୟାଁମାନେ ନୂଆଖିଆ ପର୍ବ ପାଳନ କରିଥାନ୍ତି । ଧାନ ଅମଳ ସାରିବା ପରେ 'କରମା' ପର୍ବ ପାଳନ କରାଯାଏ । ଏହି ପର୍ବରେ କରମା ଗଛର ଡ଼ାଳକୁ ପୂଜା କରିବାର ବିଧିରହିଛି । ଏହି ପର୍ବକୁ ଅତ୍ୟନ୍ତ ଆନନ୍ଦ ଉଲ୍ଲାସରେ ତିନି ଦିନ ବ୍ୟାପୀ ପାଳନ କରିଥାନ୍ତି । ପର୍ବପାଳନ ଅବସରରେ ବନ୍ଧୁ, ପ୍ରିୟ ପରିଜନ ମାନଙ୍କୁ ନିମନ୍ତ୍ରଣ କରାଯାଏ । ଘରକୁ ଆସିଥିବା ଅତିଥିମାନଙ୍କୁ ଖାଦ୍ୟ ଓ ପାନୀୟରେ ଆପ୍ୟାୟିତ କରାଯାଏ ।

ସମୟକୁ ନେଇ ପରିବର୍ତ୍ତନର ସ୍ରୋତ ପାଉଡ଼ି ଭୂୟାଁମାନଙ୍କର ସାମାଜିକ ଜୀବନକୁ ପ୍ରଭାବିତ କରିଛି । ସେମାନେ ଏବେ ନିଜ ଗୋଷ୍ଠୀ ବ୍ୟତୀତ ଅନ୍ୟ ଗୋଷ୍ଠୀର କେତେକ ପର୍ବ ପାଳନ କରୁଥିବାର ଦେଖାଯାଉଛି । ଏବେ ବିଶିରି ଓଷା କରୁଛନ୍ତି । ଶିବ, ଦୁର୍ଗା, ଗଣେଶ ଓ ଅନ୍ୟାନ୍ୟ ଦେବାଦେବୀଙ୍କୁ ମଧ୍ୟ ପୂଜା କରୁଛନ୍ତି ।








# ରାଜନୈତିକ ସଙ୍ଗଠନ



ପାଉଡ଼ିଭୂୟାଁ ମାନଙ୍କର ପାରମ୍ପରିକ ରାଜନୈତିକ ପରିଷଦରହିଛି । ଏହାର ମୁଖ୍ୟ ହେଉଛନ୍ତି ନାୟକ । ପାରମ୍ପରିକ ରାଜନୈତିକ ପରିଷଦରେ ନାୟକଙ୍କ ପରି ଦେହୁରୀଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପରିଷଦରେ କୌଣସି ଘଟଣାବଳୀର ବିଚାର ଆଲୋଚନା ଚାଲିଥିବା ସମୟରେ ଗାଁର କେତେକ ଥିଲାବାଲା ଗଣ୍ୟମାନ୍ୟ ବ୍ୟକ୍ତି ଓ କେତେକ ସ୍ଥାନୀୟ ଗୋଷ୍ଠୀସଦସ୍ୟ ମଧ୍ୟ ସକ୍ରିୟ ଅଂଶଗ୍ରହଣ କରିଥାନ୍ତି । ସଭାରେ ନିଜର ମତାମତ ଉପସ୍ଥାପନ କରିବା ନିମନ୍ତେ ସମସ୍ତଙ୍କର ଅଧିକାର ଥିଲେ ମଧ୍ୟ ପ୍ରକୃତରେ ଅଳ୍ପ କେତେଜଣ ପାଉଡ଼ିଭୂୟାଁ ଆଲୋଚନାରେ ଭାଗ ନେଇଥାନ୍ତି ।

ସାମାଜିକ ସ୍ତରରେ ପ୍ରଶାସନିକ ମୁଖ୍ୟ ନାୟକ । ଏହି ମୁଖ୍ୟ ପଦବୀଟି ଅଞ୍ଚଳ ଭେଦରେ ଗଉଁତିଆ, ପ୍ରଧାନ ହିସାବରେ ପରିଗଣିତ । ରାଜା ରାଜୁଡ଼ା ଶାସନ ଅମଳରେ ନାୟକମାନେ ରାଜସ୍ୱ ଆଦାୟ କରୁଥିଲେ । ଏଥି ସହିତ ବିବାଦଉପୁଜିଥିବା ଦ୍ୱନ୍ଦର ସମାଧାନ କରିବା ସହିତ ଯେଉଁ ସରକାରୀ ଅଧିକାରୀମାନେ ଗାଁକୁ ଯାଉଥିଲେ ସେମାନଙ୍କର ଯତ୍ନ ନେଉଥିଲେ । ଏହି ପଦବୀଟି ବଂଶାନୁକ୍ରମିକ । ବିବାହ ପ୍ରସ୍ତାବ ଚୂଡ଼ାନ୍ତ କରିବା, ବିରିଙ୍ଗା ଆବଣ୍ଟନ କରିବା ଓ ସମାଜିକ ତଥା ଅର୍ଥନୈତିକ ବିବାଦର ସମାଧାନ କରିବା ଦିଗରେ ନାୟକ / ଗୌନ୍ତିଆଙ୍କର ଭୂମିକା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ପ୍ରଶାସନିକ ବିଧି ବ୍ୟବସ୍ଥାର ମୁଖ୍ୟ ହୋଇଥିବାରୁ ସେ ପର୍ଯ୍ୟାପ୍ତ କ୍ଷମତା ଉପଭୋଗ କରିଥାନ୍ତି । ସକାଳ ଅଥବା ସନ୍ଧ୍ୟା ସମୟ ବିଚାର ନିମନ୍ତେ ପ୍ରଶସ୍ତ । ଦରବାର ଘର ବିଚାରାଳୟର କାର୍ଯ୍ୟକରେ । ଏଠାରେ ବିବାଦର ବିଚାର ହୁଏ । ପକ୍ଷ ଓ ପ୍ରତିପକ୍ଷଙ୍କ କଥାକୁ ଶୁଣି କିଏ ଦୋଷୀ କିଏ ନିର୍ଦ୍ଦୋଷ ସେ ସଂପର୍କରେ 'ନାୟକ' ତାଙ୍କର ଚୂଡ଼ାନ୍ତ ନିଷ୍ପତ୍ତି ଘୋଷଣା କରନ୍ତି ।



ଦୁଇ ବ୍ୟକ୍ତିଙ୍କ ମଧ୍ୟରେ ବିବାଦ, ସମ୍ପତ୍ତି ଭାଗବଣ୍ଟା, ଅବୈଧ ସମ୍ପର୍କ, ସାମାଜିକ କଟକଣାଯୁକ୍ତ ଯୌନକାର୍ଯ୍ୟ କଳାପ, ସଂପତିଗତ ମାମଲା ଆଦିର ବିଚାର ପାରମ୍ପରିକ ପରିଷଦରେ ହୋଇଥାଏ । 'ପୀଢ଼' ଏକ ବୃହତ୍ତର ପାରମ୍ପରିକ ପରିଷଦ । ଏହିପୀଢ଼ରେ ଗାଁ ଗାଁ ଭିତରେ ହୋଇଥିବା ବିବାଦ, ଆନ୍ତଃଗ୍ରାମବିବାଦର ସମାଧାନ ହୋଇଥାଏ । ପୀଢ଼ର କାର୍ଯ୍ୟ ପରିସର ବ୍ୟାପକ । ଏଥିରେ ଭଲ ଭାଇ, ପୀଢ ଭଣ୍ଡାରୀ, ଧୋବା, ବେହେରା, ପୀଢ ନାୟକ ବା ଜାତି ଦେହେରା, ଦଳବେହେରା, ଘଡ଼ାଇ, ପୀଢ ବ୍ରାହ୍ମଣ ଆଦିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ନିର୍ଦ୍ଧାରିତ ହାରରେ ସମସ୍ତେ ନିଜ ନିଜର ପାଉଣା ପାଇଥାନ୍ତି । କେତେକ ଗୁରୁତ୍ୱପୂର୍ଣ୍ଣ ଘଟଣାରେ ନାୟକ ଏବଂ ଦେହୁରୀ ପ୍ରାଥମିକ ବିଚାର ନିମନ୍ତେ ସଭା ଡ଼ାକିଥାନ୍ତି । ପରେ ଚୂଡ଼ାନ୍ତ ବିଚାର ହୁଏ ।







ପୀଢରେ ବିଚାର ହେଲାପରେ ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତି ଯେଉଁ ଜୋରିମାନା ଦିଏ ତାହା ପୀଢ ପରିଷଦରେ ଅଂଶଗ୍ରହଣ କରିଥିବା ସଦସ୍ୟମାନଙ୍କ ନିମନ୍ତେ ଖର୍ଚ୍ଚ କରିଦିଆଯାଏ । ପୀଢ ପରିଷଦରେ ଗୋଷ୍ଠୀରୁ ବାହାରିଥିବା ସଦସ୍ୟ ପୁନଃ ଗୋଷ୍ଠୀଭୁକ୍ତ ହେବାନିମନ୍ତେ ପୀଢପରିଷଦରେ କ୍ଷମାମାଗେ ଓ ଲୋକମାନଙ୍କୁ ଭୋଜି ଖାଇବାକୁ ଦିଏ । ଏହି ସାମାଜିକ ଧାରାରେ ଜଣେ ଦୋଷୀ ଦୋଷମୁକ୍ତ ହେବା ସହିତ ସମାଜରେ ତା'ର ପୂର୍ବସ୍ଥିତିକୁ ପୁଣି ବଜାୟ ରଖିପାରେ । କୌଣସି ଘଟଣାରେ ଦୋଷୀ ଆସାମୀ ଫେରାର୍ ହୋଇଗଲେ; ଦୀର୍ଘଦିନ ଧରି ତା'ର ସନ୍ଧାନ ନ ମିଳିଲେ ଗ୍ରାମବାସୀ ତାକୁ ମୃତବୋଲି ଘୋଷଣା କରିବା ସହିତ ତା'ର ଅନ୍ତ୍ୟେଷ୍ଟିକ୍ରିୟା ମଧ କରିଥାନ୍ତି । ଦୋଷକରି କେହି କାରାବରଣ କରିଥିଲେ ସେ କାରାଗାରରୁ ମୁକ୍ତ ହେବାପରେ ନିଜ ଗୋଷ୍ଠୀରେ ମିଶିବା ପାଇଁ ପୀଢ ପରିଷଦର ସମ୍ମୁଖୀନ ହୁଏ । ପୀଢ ପରିଷଦର ଅନୁମୋଦନ କ୍ରମେ ପାଉଡ଼ିଭୂୟାଁ ଗୋଷ୍ଠୀରେ ପୁନର୍ବାର ସାମିଲ ହୁଏ ।

ପାଉଡ଼ିଭୂୟାଁ ଗୋଷ୍ଠୀ ଶାନ୍ତିପ୍ରିୟ । ସେମାନେ ଅନ୍ୟକଥାରେ ଅଯଥାରେ ମୁଣ୍ଡଖେଳାଇବାକୁ ପସନ୍ଦ କରନ୍ତି ନାହିଁ । କ୍ୱଚିତ୍ ଅନ୍ୟପ୍ରତି ନିଜର ଅସନ୍ତୋଷ ବ୍ୟକ୍ତ କରିଥାନ୍ତି । କାହା ସହିତ ଶତ୍ରୁତା ନକରି ସାଧାରଣ ଜୀବନ ବିତାଇବାକୁ ବରଂ ଭଲପାଆନ୍ତି । ଅବଶ୍ୟ ସେମାନେ ସମ୍ପୂର୍ଣ୍ଣ ଭାବରେ କ୍ରୋଧମୁକ୍ତ ନୁହନ୍ତି । ମାତ୍ର ସେମାନେ ସବୁବେଳେ କଳହ ଓ ଦ୍ୱନ୍ଦଠାରୁ ଦୂରରେ ରହିବାକୁ ସାଧମତେ ଚେଷ୍ଟା କରନ୍ତି ।

ଅତୀତରେ ପାଉଡ଼ିଭୂୟାଁ ଗୋଷ୍ଠୀର ସୁସଙ୍ଗଠିତ ରାଜନୈତିକ ପରିଷଦରହିଥିଲା । ପଞ୍ଚାୟତିରାଜ ଶାସନ ବ୍ୟବସ୍ଥାର ପ୍ରଚଳନ ଫଳରେ ପାରମ୍ପରିକ ପରିଷଦଦିନକୁ ଦିନ ଦୁର୍ବଳ ହେଲେ ମଧ ତା'ର ସ୍ଥିତି ହଜେଇ ନଦେଇ ଜନକଲ୍ୟାଣ କାମୀ କାର୍ଯ୍ୟଧାରା ସହିତ ନିଜକୁ ଯୋଡ଼ିରଖିଛି ।



ବର୍ତ୍ତମାନ ସାମାଜିକ ଦୃଶ୍ୟପଟ ବଦଳି ଯାଇଛି । ଗ୍ରାମପରିଷଦଓ ପୀଢ ପରିଷଦର ସାମାଜିକ ନିୟମ, ଆଇନ୍, କାନୁନ୍ କ୍ରମଶଃ କୋହଳ ହେବାରେ ଲାଗିଛି । ସାମାଜିକ ତଥା ସାଂସ୍କୃତିକ ନିୟମ ଏବଂ ପାରମ୍ପରିକ ଗ୍ରାମପରିଷଦତା'ର ପୂର୍ବ ଗୁରୁତ୍ୱ ଓ ଗରିମା ହରାଇବାକୁ ବସିଲାଣି । ଆଧୁନିକ ଯୁବପିଢୀଙ୍କ ମନ ବଦଳିଗଲାଣି । ସେମାନେ ଆଉ ପ୍ରାଚୀନ ସାମାଜିକ ଓ ସାଂସ୍କୃତିକ ପ୍ରଥା ଓ ପରମ୍ପରାକୁ ମାନିବାକୁ ପ୍ରସ୍ତୁତ ନୁହଁନ୍ତି ।







# ଜୀବନ ଚକ୍ର



ଜନ୍ମ, ଶୈଶବ, କୈଶୋର, ଯୁବାବସ୍ଥା, ବାର୍ଦ୍ଧକ୍ୟ, ମୃତ୍ୟୁ ଆଦିକୁ ନେଇ ମଣିଷର ଜୀବନ ଚକ୍ର ସଂଗଠିତ ହୋଇଥାଏ। ନାରୀଟିଏ ମା' ହେଉ ଏହା ସମସ୍ତେ ଆଶା କରନ୍ତି । ସମାଜରେ ବନ୍ଧ୍ୟାନାରୀର ସ୍ଥାନ ନିମ୍ନରେ । ଯଦି ସେ ସନ୍ତାନଟିଏ ଜନ୍ମଦେବାକୁ ସର୍ମର୍ଥ ନହୁଏ ତେବେ ତା'ର ସ୍ୱାମୀକୁ ପୁନର୍ବିବାହ କରିବାକୁ ସମାଜ ସ୍ୱୀକୃତି ଦିଏ । କନ୍ୟା ସନ୍ତାନ ଅପେକ୍ଷା ପୁତ୍ରସନ୍ତାନକୁ ସମସ୍ତେ ଅଧିକ ପସନ୍ଦ କରିଥାନ୍ତି । ଝିଅଟିଏ ବିବାହପରେ ବାପା ମାଆଙ୍କୁ ଛାଡ଼ି ତା'ର ସ୍ୱାମୀ ଘରକୁ ଯାଏ । ମାତ୍ର ପୁତ୍ର ସନ୍ତାନଟିଏ ଘରେ ରହି ପିତାମାତାଙ୍କର ସମସ୍ତ ସମ୍ପତ୍ତିର ଉତ୍ତରାଧିକାରୀ ହେବା ସହିତ ବାର୍ଦ୍ଧକ୍ୟରେ ପିତାମାତାଙ୍କର ଆବଶ୍ୟକ ଯତ୍ନନିଏ ।



ଜଣେ ଗର୍ଭବତୀ ମହିଳା ପୂଜାରେ ଅର୍ପଣ କରାଯାଇଥିବା ବା ବଳି ଦିଆଯାଇଥିବା ମାଂସକୁ ଖାଦ୍ୟରୂପେ ଗ୍ରହଣ କରେନାହିଁ । ଗର୍ଭଧାରଣ ଓ ସନ୍ତାନ ପ୍ରସବରେ ପାଳନ କରାଯାଉଥିବା ପୂଜାପର୍ବକୁ ବାଦ୍‌ଦେଲେ ଗର୍ଭବତୀ ମହିଳା ଅନ୍ୟକୌଣସି ପୂଜାପାର୍ବଣ ଅଥବା ଧାର୍ମିକ ଅନୁଷ୍ଠାନ ଗୁଡ଼ିକରେ ଯୋଗ ଦିଅନ୍ତି ନାହିଁ । ଗର୍ଭସ୍ଥ ଶିଶୁର ଯେପରି କିଛି କ୍ଷତି ନହୁଏ ସେଥିପ୍ରତି ଉପଯୁକ୍ତ ଧ୍ୟାନ ଦେବାକୁ ହୋଇଥାଏ । ସନ୍ତାନ ପ୍ରସବ ପରେ ମହିଳାମାନେ ବାହାରକୁ ନ ଯାଇ ଗୋଟିଏ ଘରେ ରୁହନ୍ତି । ପାରମ୍ପରିକ ଧାଈ, ମା' ଓ ଜନ୍ମିତ ଶିଶୁ ଉଭୟଙ୍କର ଯତ୍ନନିଏ । ନାଭିନାଡ଼ ସାଧାରଣତଃ ମା ଅଥବା ଆଈମା'ମାନେ କାଟିଥାନ୍ତି । ପୁତ୍ରସନ୍ତାନ ହୋଇଥିଲେ ତୀର ସାହାଯ୍ୟରେ ଓ କନ୍ୟାସନ୍ତାନ ହୋଇଥିଲେ ବାଉଁଶ ପାତିଆ ସାହାଯ୍ୟରେ ନାଭିନାଡ଼କୁ କଟାଯାଏ । ଜନ୍ମ ଅଶୌଚ ଅଥବା ସୂତିକିଆ ଏକ ସପ୍ତାହରୁ ତିନିମାସ ପର୍ଯ୍ୟନ୍ତ ପାଳନ କରାଯାଏ । ପିଲା ଜନ୍ମ ହୋଇ ସପ୍ତମ ଦିବସରେ ନାମ ଦିଆ ପର୍ବ ଅନୁଷ୍ଠିତ ହୁଏ । ଗାଁର ବୟୋଜ୍ୟେଷ୍ଠା ମହିଳା ଓ ଅନ୍ୟ ସଦସ୍ୟମାନେ ଏହି ନାଁ ଦିଆ ପର୍ବରେ ଅଂଶଗ୍ରହଣ କରନ୍ତି ।







ଗୋଟିଏ ପାଣି ଭର୍ତ୍ତି ପାତ୍ରରେ ଶୁଖିଲା ଅରୁଆ ଚାଉଳ ଏବଂ ରାଶି ଉପରେ ପକାଯାଇ ଈଶ୍ୱରଙ୍କ ଆଦେଶାନୁସାରେ ପିଲାର ନାଁ ବଛିଲାବେଳେ ପୁଅ ହୋଇଥିଲେ ଜେଜେ ଓ ଝିଅ ହୋଇଥିଲେ ଜେଜେମା ଙ୍କ ନାମକୁ ଅଧିକ ପସନ୍ଦ କରାଯାଏ । ସାଧାରଣରେ ପିଲାର ନାଁ ଘୋଷଣା କରାଯିବା ପରେ ପରିବାରର ସଦସ୍ୟମାନେ ସ୍ୱତନ୍ତ୍ର ଖାଦ୍ୟ ପ୍ରସ୍ତୁତ କରି ଆଗନ୍ତୁକ ବନ୍ଧୁବାନ୍ଧବ ଓ ସଂପର୍କୀୟମାନଙ୍କୁ ଖାଇବାକୁ ଦେଇଥାନ୍ତି । ଏହାପରେ ମା ଅଶୌଚରୁ ମୁକ୍ତ ହୋଇ ସାଧାରଣ ଜୀବନ ଯାପନ କରିଥାଏ । କିଛି ମାସ ପର୍ଯ୍ୟନ୍ତ ମା' ପାଇଁ ଖାଦ୍ୟରେ କଟକଣା ରହେ । ଏହି ସମୟରେ ସାଧାରଣତଃ ଭାତ, ଲୁଣ ଓ ପିଆଜ ଆଦି ଖାଦ୍ୟ ଖାଇବାକୁ ହୋଇଥାଏ । ନିରାମିଷ ଓ ଆମିଶ ଆହାର ସାଧାରଣ ଭାବେ ନିଷେଧ । ମା ଓ ପରିବାରର ଅନ୍ୟ ସଦସ୍ୟ ମାନେ ମିଳିମିଶି ଜନ୍ମିତ ଶିଶୁର ସମସ୍ତ ଯତ୍ନ ନିଅନ୍ତି । ଶିଶୁର ସ୍ୱାସ୍ଥ୍ୟରେ କିଛି ଅସୁବିଧା ଦେଖାଦେଲେ ପିତାମାତାମାନେ ଶିଶୁଟିକୁ ସେମାନଙ୍କ ପଡ଼ିଶାର କେହି ନିକଟ ସମ୍ପର୍କୀୟଙ୍କ ହାତରେ ଟେକି ଦିଅନ୍ତି । ଅବଶ୍ୟ ପିଲାଟି ପ୍ରକୃତ ବାପ ମାଙ୍କ ପାଖରେ ରହେ । ଆଉ କେତେକ ଭିନ୍ନ ଘଟଣାରେ ପିଲାର ସୁରକ୍ଷା ନିମନ୍ତେ ପିତା ମାତା ବିଭିନ୍ନ ଦେବଦେବୀଙ୍କୁ ମାନସିକ କରିଥାନ୍ତି । ମାନସିକ ପୂରଣରେ ଠାକୁରାଣୀ ଗାଇଁଶିରୀ, ବଡ଼ାମ୍, ପାଟଦେବୀ ଆଦିଙ୍କ ପାଖରେ ବଳିଦେବାକୁ ହୁଏ । ପିଲାଟି ଚାଲି ଶିଖିବା ଆରମ୍ଭ କଲେ ଗାଁ ଦୁଆରୀ ପର୍ବ ପାଳିତ ହୁଏ ଓ ମାମୁଁ ପିଲାର ମୁଣ୍ଡରେ ଥିବା ଜନ୍ମବାଳ କାଟନ୍ତି । ପାଉଡ଼ି ଭୂୟାଁ ସମାଜରେ ପୁଅ ଝିଅମାନେ ଗୋଷ୍ଠୀ ଭିତରେ ନିଜର ଜୀବନ ଜୀବିକା ନିମନ୍ତେ ଆବଶ୍ୟକ ଜ୍ଞାନ ହାସଲ କରି ବା ଆତ୍ମ ନିର୍ଭରଶୀଳ ହେବାକୁ ଚେଷ୍ଟିତ ହୁଅନ୍ତି । ୧୨ ବା ୧୪ ବର୍ଷ ବୟସରେ ପିଲାମାନେ ଦରବାର ଘର ସଂସ୍କୃତି ସହିତ ନିଜକୁ ସାମିଲ୍ କରିଦିଅନ୍ତି । ପାଉଡ଼ି ଭୂୟାଁ ସମାଜରେ ଭିନ୍ନ ଗୋତ୍ରରେ ବିବାହ ପରମ୍ପରା ରହିଛି । ସ୍ୱଗୋତ୍ରରେ ବିବାହ ନିଷେଧ ଓ ଅପରାଧ ବୋଲି ଗଣ୍ୟ ହୁଏ । ନିଜ କୁଟୁମ୍ବ ବିଷୟରେ ସେମାନଙ୍କର ସ୍ପଷ୍ଟ ଧାରଣା ରହିଥାଏ । ବନ୍ଧୁ ଗୋଷ୍ଠୀ ସହିତ ବୈବାହିକ ସମ୍ବନ୍ଧ ସ୍ଥାପିତ ହୁଏ । ପାଉଡ଼ି ଭୂୟାଁମାନେ ଜଣକୁ ବିବାହ କରନ୍ତି । ବିବାହ କରିଥିବା ସ୍ତ୍ରୀ ଯଦି ସନ୍ତାନ ସମ୍ଭବା ନ ହୁଏ, ସେ କ୍ଷେତ୍ରରେ ପୁରୁଷମାନେ ସାମାଜିକ ସ୍ୱୀକୃତି ନେଇ ଆଉ ଜଣକୁ ବିବାହ କରିଥାନ୍ତି । ପ୍ରସ୍ତାବ ବିବାହକୁ ମାଗି ବିଭା କୁହାଯାଏ । ଏହା ସମୟ ସାପେକ୍ଷ ଓ ଏଥିରେ ଉଭୟ ପକ୍ଷଙ୍କୁ ଅଧିକ ଖର୍ଚ୍ଚ କରିବାକୁ ପଡ଼ିଥାଏ । ଯିଏ ଯାହାକୁ ଭଲ ପାଏ ତା ସହିତ ସିଏ ଚାଲିଯାଏ । ଏ ପ୍ରକାର ବିବାହକୁ 'ଧରିପଳା' ବିବାହ କୁହାଯାଏ ସେହିପରି ଜଣେ ଅନ୍ୟ ଜଣଙ୍କୁ ପସନ୍ଦ କଲେ ତାକୁ ଜୀବନ ସାଥୀ କରିବା ଉଦ୍ଦେଶ୍ୟରେ ଝିଙ୍କିନିଏ । ଏହାକୁ 'ଘିଚା ବିବାହ' କୁହନ୍ତି । ଧରିପଳା ଓ ଘିଚା ବିବାହ ତତ୍କାଳ ହୋଇଯାଏ ।



ମନୋନୀତା ଯୁବତୀର ଜୁଡ଼ାରେ ଯୁବକଟିଏ ଫୁଲ ଖୋସିଦେଇ ଯେଉଁ ବିବାହ ହୁଏ ତାହକୁ "ଫୁଲ ଖୁସି " ବିବାହ କହନ୍ତି । ସେହିପରି ଯୁବକଟିଏ ତା'ର ପ୍ରେୟସୀ ଉପରକୁ ଆୟ







ପକାଇଲେ ଯେଉଁ ବିବାହ ହୁଏ ତାହା " ଆମ୍ ଲେସରା " ନାମରେ ପରିଚିତ । ମନୋନୀତ ଯୁବତୀ ଦେହରେ ଯୁବକଟିଏ କାଦୁଅ ଲେସିଦେଲେ ସେହି ବିବାହକୁ 'କାଦଲେସା' ବିବାହ କୁହାଯାଏ ।

ପ୍ରଚଳିତ ସାମାଜିକ ନିୟମ ଓ ମୂଲ୍ୟବୋଧକୁ ମାନି ଜଣେ ବିଧବାକୁ ମଧ୍ୟ ପତ୍ନୀ ଭାବରେ ଗ୍ରହଣ କରାଯାଇପାରେ । କନ୍ୟାସୁନା ଏକ ସାମାଜିକ ପ୍ରଥା । ବ୍ୟକ୍ତି ଓ ବିବାହର ପ୍ରକାର ଭେଦକୁ ନେଇ ଖର୍ଚ୍ଚ କମ୍ ବେଶୀ ହୋଇଥାଏ । ଯେଉଁମାନଙ୍କର ଆର୍ଥିକ ସମ୍ବଳ ଭଲ ସେମାନେ ବିବାହ ଉତ୍ସବରେ ବହୁତ ଟଙ୍କା ଖର୍ଚ୍ଚ କରିଥାନ୍ତି ।



ବିବାହପରେ ନବବିବାହିତ ଦମ୍ପତି (ସ୍ୱାମୀ ଓ ସ୍ତ୍ରୀ) ଦରବାର ଘରର ବନ୍ଧୁ ଓ ବାନ୍ଧବୀ ମାନଙ୍କୁ କିଛି ଉପହାର ଦେଇଥାନ୍ତି । ସେହିପରି ବନ୍ଧୁ ଓ ବାନ୍ଧବୀମାନେ ମଧ୍ୟ ଦମ୍ପତିଙ୍କୁ ଆନୁଷ୍ଠାନିକ ଭାବରେ ସାଧାରଣ ବିଦାୟ ସମ୍ବର୍ଦ୍ଧନା ଦେଇଥାନ୍ତି । ସ୍ୱାମୀ ସ୍ତ୍ରୀଙ୍କ ଭିତରେ ସାଧାରଣତଃ ଉତ୍ତମ ସମ୍ପର୍କ ଓ ବୁଝାମଣା ରହିଥାଏ । ଅପରାଧ ଗର୍ହିତ ହେଲେ ଛାଡ଼ପତ୍ର ଦେବାକୁ ହୁଏ । ଉଭୟେ ଉଭୟଙ୍କୁ ଛାଡ଼ପତ୍ର ଦେବାର ପରଂପରା ରହିଛି ।

ପାଉଡ଼ିଭୂୟାଁମାନେ ଭାରି ସହଯୋଗୀ । ପିଲାମାନଙ୍କୁ ନେଇ ହସଖୁସିରେ ସେମାନଙ୍କର ସଂସାର ଚଳିଯାଏ । ବାର୍ଦ୍ଧକ୍ୟରେ ପୁଅମାନେ ସେମାନଙ୍କର ବୁଢ଼ା ବାପାମାଆଙ୍କର ଉପଯୁକ୍ତ ଯତ୍ନ ନେବାକୁ ନିଜର କର୍ତ୍ତବ୍ୟ ବୋଲି ମନେକରନ୍ତି । ପିତାମାତାମାନେ ମଧ୍ୟ ସେମାନଙ୍କର ଶେଷ ଜୀବନକୁ ପୁଅ-ଝିଅ-ନାତି ଓ ନାତୁଣୀ ମାନଙ୍କ ଗହଣରେ ବିତାଇଥାନ୍ତି ।



ଦେବଦେବୀମାନେ ଅସନ୍ତୁଷ୍ଟ ହେଲେ ମୃତ୍ୟୁ ଆସେ । ମୃତ୍ୟୁ ବି ଆସେ ଭୂତ-ପ୍ରେତ ଓ ଗୁଣୀ ଗାରେଡ଼ି ଆଦି କାରଣରୁ । ମୃତ୍ୟୁପ୍ରତି ଏହି ବିଶ୍ୱାସବୋଧ ଭିତରେ ଜୀବନପ୍ରତି ଯେଉଁ ମମତ୍ୱବୋଧ ଥାଏ, ତାହା ଉଲ୍ଲେଖନୀୟ । କୁଟୁମ୍ବ ଓ ବନ୍ଧୁ ସମ୍ପର୍କୀୟ ସମସ୍ତେ ଶୋକ କ୍ରିୟାରେ ଯୋଗଦାନ କରି ମଶାଣୀକୁ ଶବ ବୋହି ନେଇଥାନ୍ତି ।



ବଡପୁଅ ପ୍ରଥମେ ମୁଠାଏ ମାଟି ନିଏ । ତା'ପରେ ଅନ୍ୟାନ୍ୟ ସାହି ଭାଇ, ପଡ଼ୋଶୀ ଓ ଜ୍ଞାତିମାନେ ମୁଠାଏ ମୁଠାଏ ମାଟି ଦିଅନ୍ତି । ଜଣେ ଗର୍ଭବତୀ ମହିଳାର ମୃତ୍ୟୁ ହେଲେ, ଏପରି ସ୍ଥଳେ ଅଶୌଚ ଅବଧିର ସମୟ ମାତ୍ର ଦୁଇ ବା ତିନି ଦିନ ହୋଇଥାଏ । ସେମାନେ ମୃତକର ଆତ୍ମାକୁ ଘରକୁ ଡ଼ାକିଆଣି ମୁଖ୍ୟ ଘର ଭିତରେ ପୂର୍ବ ପୁରଷଙ୍କ ଆତ୍ମାକୁ ସ୍ଥାପିତ କରନ୍ତି ।







# ପରିବର୍ତ୍ତନ ଓ ଉନ୍ନୟନ

ଅତୀତରେ ପାଉଡ଼ିଭୂୟାଁମାନେ ନିଃସଙ୍ଗ ଜୀବନଯାପନ କରୁଥିଲେ । ଆଧୁନିକୀ କରଣର ପ୍ରଭାବ ତଥା ଯୋଜନାବଦ୍ଧ ଉନ୍ନୟନର ପ୍ରଚେଷ୍ଟା ଓ ବିକାଶମୁଖୀ କାର୍ଯ୍ୟଧାରାର ପ୍ରସାର ଦ୍ୱାରା ପାଉଡ଼ି ଭୂୟାଁମାନେ ଆକର୍ଷିତ ହୋଇ ନିଜର ଜୀବନ ଶୈଳୀରେ ପରିବର୍ତ୍ତନ ଆଣିଛନ୍ତି । ସାମାଜିକ ଓ ଅର୍ଥନୈତିକ ଉନ୍ନୟନ କାର୍ଯ୍ୟଧାରା ସେମାନଙ୍କ ସାଂସ୍କୃତିକ ଜୀବନ ଶୈଳୀରେ ବିପୁଳ ପରିବର୍ତ୍ତନ ଆଣିଛି ।

ରାଜ୍ୟ ସରକାର ଓ ଭାରତ ସରକାରଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର କାର୍ଯ୍ୟକାରିତା ସରକାରୀ ସଂସ୍ଥା ସମୂହ ଓ କେତେକ ବିଦେଶୀ ପୁଞ୍ଜିନିବେଶ ଅନୁଷ୍ଠାନ ମାନଙ୍କର ସାହାଯ୍ୟ ଓ ସହଯୋଗ ବିଶେଷ ଭାବରେ ପାଉଡ଼ି ଭୂୟାଁମାନଙ୍କର ଅର୍ଥନୈତିକ ଅବସ୍ଥାକୁ ବଦଳାଇବାରେ ପ୍ରମୁଖ ଭୂମିକା ନେଇଛି । ବିଗତ ୬୦ ବର୍ଷ ମଧ୍ୟରେ ସରକାର ପାଉଡ଼ି ଭୂୟାଁମାନଙ୍କ ସାମାଜିକ ଓ ଅର୍ଥନୈତିକ ଅବସ୍ଥାରେ ଉନ୍ନତି ଆଣିବା ଲକ୍ଷ୍ୟରେ ବହୁବିଧ ବ୍ୟବସ୍ଥା କରିଛନ୍ତି । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଓ ମୁଖ୍ୟତଃ ଅଣୁପ୍ରକଳ୍ପ ଦ୍ୱାରା ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ଅବସ୍ଥାରେ ଉଲ୍ଲେଖନୀୟ ଅଗ୍ରଗତି ହୋଇପାରିଛି । ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି କଳ୍ପେ ସୁନ୍ଦରଗଡ଼ ଜିଲ୍ଲାର ଖୁଣ୍ଟଗାଁ, ଅନୁଗୁଳ ଜିଲ୍ଲା ପାଲଲହଡ଼ା ବ୍ଲକ୍‌ର ଜାମରଡ଼ିହି ଓ ଦେଓଗଡ଼ ଜିଲ୍ଲାର ରୁଗୁଡ଼ା କୁଦରଠାରେ ତିନିଗୋଟି ଅଣୁପ୍ରକଳ୍ପ କାର୍ଯ୍ୟକରୁଛି । ନିଜ ନିଜ ପରିଧିରେ ଅଣୁପ୍ରକଳ୍ପ ଗୁଡ଼ିକ ପାଉଡ଼ିଭୂୟାଁ ମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ କାର୍ଯ୍ୟ କରିଚାଲିଛନ୍ତି । ଧୀରେ ଧୀରେ ବିକାଶଧାରା ତ୍ୱରାନ୍ୱିତ ହେବାରେ ଲାଗିଛି । କୃଷି ବିଜ୍ଞାନ ପ୍ରଣାଳୀର ପ୍ରୟୋଗ, ଅଧିକ ଅମଳକ୍ଷମ ବିହନ ବ୍ୟବହାର, ରାସାୟନିକ ସାର ଓ କୀଟନାଶକ ଔଷଧ ପ୍ରୟୋଗ ଆଦି ଦ୍ୱାରା ପାଉଡ଼ି ଭୂୟାଁମାନେ ବହୁ ଭାବରେ ଉପକୃତ ହେଉଛନ୍ତି ।

ଜୀବନର ଗୁଣାତ୍ମକ ମାନ ଓ ଅବସ୍ଥାରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ସରକାର ବିଭିନ୍ନ ପ୍ରକାର ପ୍ରଚେଷ୍ଟା ଜାରି ରଖିଛନ୍ତି । ସ୍ୱାସ୍ଥ୍ୟ, ଶିକ୍ଷା, ପରିବେଶ ସଂରକ୍ଷଣ, ମୌଳିକ ଭିତ୍ତିଭୂମିର ବିକାଶ, ବ୍ୟକ୍ତିଗତ ହୀତକାରୀ ଯୋଜନା ଆଦି ବହୁମୁଖୀ ସରକାରୀ ଯୋଜନା କାର୍ଯ୍ୟକାରୀ ହେବାଦ୍ୱାରା ସେମାନଙ୍କର ଜୀବନର ମାନରେ ପରିବର୍ତ୍ତନ ଆସିଛି । ଆଧୁନିକ ପ୍ରଣାଳୀରେ କୃଷିକରି ଏକାଧିକ ଫସଲ ଉତ୍ପାଦନ କରିବା; କୃଷି କ୍ଷେତ୍ରକୁ ଜଳସେଚନର ବିହିତ ବ୍ୟବସ୍ଥା ସହିତ ଆବଶ୍ୟକୀୟ ଆର୍ଥିକ ସହାୟତା ଓ ଉତ୍ପାଦିତ ଦ୍ରବ୍ୟର ବିପଣନ ହେବା ଦ୍ୱାରା ଏ ପରିବର୍ତ୍ତନ ସମ୍ଭବ ହୋଇଛି । ପୋଡୁ ଚାଷ ବଦଳରେ ଆଧୁନିକ କୃଷି ପ୍ରଣାଳୀରେ ଅଧିକ ଅମଳକ୍ଷମ ବିହନର ବ୍ୟବହାର, ରାସାୟନିକ ସାର ଓ କୀଟନାଶକର ପ୍ରୟୋଗ ଆଦି ପାଉଡ଼ି ଭୂୟାଁ ମାନଙ୍କର ଜୀବନ ଓ ଜୀବିକାକୁ ନୂଆ ବାଟ ଦେଖାଇଛି ।













ପାଉଡ଼ିଭୂୟାଁ ଅଞ୍ଚଳରେ ଥିବା ଆବାସିକ ବିଦ୍ୟାଳୟ ପ୍ରତି ପିଲାମାନେ ଅଧିକ ସଂଖ୍ୟାରେ ଆକୃଷ୍ଟ ହେଉଛନ୍ତି । ଶୈକ୍ଷିକ ବିକାଶ ଦିଗରେ ଅଣ-ଆନୁଷ୍ଠାନିକ ଶିକ୍ଷାକେନ୍ଦ୍ର ଗୁଡ଼ିକର ମଧ୍ୟ ଉଲ୍ଲେଖନୀୟ ଅବଦାନ ରହିଛି । ସର୍ବତୋ ଭାବେ ପାଉଡ଼ିଭୂୟାଁ ଜନଜାତିମାନେ ଏବେ ବିକାଶ ପଥରେ ଆଗେଇ ଚାଲିଛନ୍ତି ।

ପାଉଡ଼ି ଭୂୟାଁ ଯୁବକମାନେ ଏବେ ଛୋଟ ଛୋଟ ବ୍ୟବସାୟ କରୁଛନ୍ତି । ପାଖ ସହରରେ ଜାଳେଣୀ କାଠ ବିକ୍ରି କରୁଛନ୍ତି । ଅଣ ଆଦିବାସୀ ମାନଙ୍କ ଘରେ ଦିନ ମଜୁରିଆ ଭାବରେ କାମ କରୁଛନ୍ତି । ସମତଳ ଅଞ୍ଚଳର ନେତାଗିରୀ ପରି ମଧ୍ୟ ଏ ଅଞ୍ଚଳରେ କ୍ରମଶଃ ନୂତନ ପିଢ଼ିରେ ଏହାର ପ୍ରକ୍ରିୟା ଆରମ୍ଭ ହୋଇଯାଇଛି ।



ପାଉଡ଼ିଭୂୟାଁ ମାନଙ୍କର ପ୍ରାଚୀନ ଜ୍ଞାନ କୌଶଳ ଏବେ ଆଉ ସେତେଟା ଗ୍ରହଣ ଯୋଗ୍ୟ ହୋଇପାରୁନାହିଁ । ଆଧୁନିକ ଯୁବପିଢ଼ୀଙ୍କ ମାନସିକତା ବେଶୀ ମାତ୍ରାରେ ଆତ୍ମନିର୍ଭରଶୀଳ ନ ହୋଇ ପର ମୁଖାପେକ୍ଷୀ ହେବାରେ ଲାଗିଛି । ବର୍ତ୍ତମାନ ସମୟରେ ମହିଳାମାନେ ମଧ୍ୟ ଠିକାଦାର ଅଧୀନରେ ହେଉଥିବା ରାସ୍ତାକାମରେ ଦିନ ମଜୁରିଆ ଭାବରେ କାମ କରିବାର ଦେଖାଯାଉଛି । କେତେକ ମହିଳା ଛୋଟ କାଟର ବ୍ୟବସାୟ ବାଣିଜ୍ୟ ଆରମ୍ଭ କଲେଣି । ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଆରକ୍ଷୀ କାର୍ଯ୍ୟାଳୟ, କୃଷି ସଂପ୍ରସାରଣ ଅଧିକାରୀଙ୍କ କାର୍ଯ୍ୟାଳୟ, ପଶୁ ଡ଼ାକ୍ତରଖାନା, ଡ଼ାକଘର, ସାପ୍ତାହିକ ହାଟ ବଜାର, ବଡ଼ ବଡ଼ ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନ, ବ୍ୟାଙ୍କ୍ ଓ ଅନ୍ୟାନ୍ୟ କାର୍ଯ୍ୟାଳୟ ଗୁଡ଼ିକ ଦ୍ୱାରା ଉନ୍ନୟନର ମାର୍ଗ ଫିଟୁଛି ଓ ଜୀବନ ଧାରଣର ଶୈଳୀ ବଦଳୁଛି ।

"ଦରବାର ଘର", ଯାହାଦିନେ ପାଉଡ଼ିଭୂୟାଁ ମାନଙ୍କର ସାମାଜିକ ଓ ସାଂସ୍କୃତିକ ଜୀବନର ପ୍ରାଣକେନ୍ଦ୍ର ଥିଲା, ତାହା ଆଉ ନାହିଁ । ସେ ମର୍ଯ୍ୟାଦା ହଜିଗଲାଣି । ତାହା ତା'ର ମହତ୍ତ୍ୱ ଓ ପରିଚିତି ହରାଇ ସାରିଲାଣି । ମୁଖ୍ୟସ୍ରୋତର ପ୍ରଭାବରେ ନିଜ ଧର୍ମର ଦେବଦେବୀ ମାନଙ୍କର ଗୁରୁତ୍ୱ ଦିନକୁ ଦିନ କମିଯାଉଛି । ଗ୍ରାମ ଓ ଆନ୍ତଃଗ୍ରାମ ସମ୍ପର୍କରେ ଯେଉଁ ସୁମଧୁର ସହଭାଗିତା ଥିଲା ତାହା ଆଉ ନାହିଁ । ଏପରିକି ପାରିବାରିକ ସ୍ତରରେ ଯେଉଁ ସାହାଯ୍ୟ, ସହଯୋଗ ଓ ସହାନୁଭୂତିର ମାନସିକତା ଥିଲା ସେପରି ଉଦାର ମନୋବୃତ୍ତି ଆଉ ଦେଖାଯାଉନାହିଁ । ପ୍ରାଚୀନ ଜୀବନବୋଧର ମଧୁର - ମହକ କ୍ରମଶଃ ଆଧୁନିକ ସମାଜରୁ ଧୀରେ ଧୀରେ ଅପସରି ଯାଉଛି । ସମାଜ ଦ୍ରୁତ ଗତିରେ ବଦଳିବାରେ ଲାଗିଛି ।







# ପୃଷ୍ଠଭୂମି

ଜନପଦଠାରୁ ନିରାପଦଅପହଞ୍ଚ ଗିରି ଉପତ୍ୟକା ମଧ୍ୟରେ ନିରାନନ୍ଦ ଜୀବନ ନିର୍ବାହ କରୁଥିବା ସେଇ ଆଦି ମଣିଷ ସମାଜ ଯେଉଁମାନେ ଆଜିର ବିକାଶବ୍ୟୂହର ଜଟିଳତା ମଧ୍ୟରେ ନିଜର ଅସ୍ମିତା ଖୋଜିବାରେ ଲାଗୁଛନ୍ତି, ଏମାନେ ଆମ ପରିଭାଷାରେ ପ୍ରାଚୀନତମ ଜନଜାତି ବିଶେଷ । ଏମାନେ ଅଣ-ଚର୍ଚ୍ଚିତ, ସମ୍ବିଧାନ ସ୍ୱୀକୃତ ବାଷଠୀ ଜନଜାତି ତାଲିକା ଅନ୍ତର୍ଭୁକ୍ତ । ନିଜସ୍ୱ ଭୌଗୋଳିକ ପରିରେଖା ମଧ୍ୟରେ ଅଣ-ସଂକ୍ରମିତ ସାମାଜିକ-ସାଂସ୍କୃତିକ-ଅର୍ଥନୈତିକ ବ୍ୟବସ୍ଥା ଭିତରେ ପ୍ରକୃତି ସହ ସଂଘର୍ଷ କରି ନିଜର ଜୀବନ ନିର୍ବାହ କରିବାରେ ଏମାନେ ପଟୁ ।

ଏମାନଙ୍କୁ ସ୍ୱତନ୍ତ୍ର ଭାବରେ ଚିହ୍ନଟ କରି ସେମାନଙ୍କ ଉନ୍ନତି ମାର୍ଗ ପ୍ରଶସ୍ତ କରାଇବା ନେଇ ବିବିଧ ବିକାଶ ପରିଯୋଜନାଗୁଡ଼ିକୁ ସେମାନଙ୍କ ଅଞ୍ଚଳରେ ପରିଚାଳନା କରାଯାଇଛି । ବିକାଶର ସ୍ରୋତ ସହ ସାମିଲ ହେଲେ ବିବିଧ ଜଟୀଳ ଉପାଦାନ ସଂଘର୍ଷ ହେବା ସ୍ୱାଭାବିକ। ଅପ୍ରାକୃତିକ ବଜାରର ଆଖି ଝଲସା ରୂପ ସଂନ୍ଦର୍ଶନରେ ବିଭୋର ହୋଇ ବାଟହୁଡ଼ିବା ପ୍ରକ୍ରିୟାରେ ସେମାନେ ଅଭ୍ୟସ୍ତ ହୋଇ ଯାଇଛନ୍ତି । ଏଇ ପ୍ରାଚୀନତମ ଜନଜାତି ସେଇ ତଥାକଥିତ ବିକାଶବ୍ୟୂହରେ ମୋହଗ୍ରସ୍ତ । ଆଖି ଝଲସା ବିପଣୀରେ ସେମାନେ ଭାରାକ୍ରାନ୍ତ । ଏହି ଅପ୍ରାକୃତିକ ବ୍ୟବସ୍ଥାକୁ ଆପଣେଇବାରେ ସେମାନେ ଅପ୍ରାଣ ଉଦ୍ୟମ କରୁଛନ୍ତି । ଫଳତଃ ସେମାନଙ୍କର ପାରମ୍ପରିକ ସଂରଚନା ଦୋହଲିବାରେ ଲାଗିଛି । ପରମ୍ପରା ଓ ପ୍ରଗତିର ସନ୍ଧିକ୍ଷଣରୁ ସେମାନେ ବିକାଶ ପାବଚ୍ଛରେ ପାଦଥାପିଛନ୍ତି । ଆଗକୁ ଆହୁରି ସଂଘର୍ଷ କରିବାର ଅଛି । ଏହି ପ୍ରକ୍ରିୟାରେ ସେମାନଙ୍କ ପରମ୍ପରା ଓ ମୌଳିକ ସଂସ୍କୃତି ସଂକଟାପନ୍ନ ହୋଇ କ୍ରମବିଲୁପ୍ତ ପ୍ରାୟ । ହୁଏତ ଆଗାମୀ ଦିନମାନଙ୍କରେ ସେମାନଙ୍କର ସ୍ଥିତି କ'ଣ ହୋଇଥିବ ତାହା ସମୟ ହିଁ କହିବ । ଜନସାଧାରଣ ଏମାନଙ୍କ ବିଷୟରେ ଖୁବ୍ କମ୍ ପରିଚିତ । ଚିତ୍ର ପୋଥି ମାଧ୍ୟମରେ ପୂର୍ବରୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ସଂସ୍ଥାନ ଇଂରାଜୀ ଭାଷାରେ ଏକ ପରିଚୟାତ୍ମକ ପୁସ୍ତକ ପ୍ରତ୍ୟେକ ପ୍ରାଚୀନତମ ଜନଜାତିଙ୍କ ଉପରେ ପ୍ରକାଶ କରିଥିଲା । ବର୍ତ୍ତମାନ ଓଡ଼ିଆ ପାଠକଙ୍କ ରଚି ଓ ଆବଶ୍ୟକତାକୁ ନେଇ ଏହି ପୁସ୍ତିକାଗୁଡ଼ିକର ଓଡ଼ିଆ ଅନୁସୃଜନ କାର୍ଯ୍ୟ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ହାତକୁ ନେଇ ପ୍ରକାଶ କରିଛି । ସାଧାରଣ ପାଠକ, ଗବେଷକ, ଉନ୍ନୟନ ପ୍ରାଧୀକାରୀବୃନ୍ଦ ଏହାର ସଦୁପଯୋଗ କରିପାରିଲେ ପ୍ରକାଶନର ଉଦ୍ଦେଶ୍ୟ ସଫଳ ହେବ । ଏ ସମ୍ବନ୍ଧରେ କୌଣସି ସୁଚିନ୍ତିତ ମତାମତ, ଉପଦେଶ ସର୍ବାଦୌ ଗ୍ରହଣୀୟ ।

**ବିଶ୍ୱର କୁମାର ନାୟକ**
ସଦସ୍ୟ ସଚିବ





## ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଭୁବନେଶ୍ୱର, ଓଡ଼ିଶା

ସୌଜନ୍ୟ : ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ
ମୁଦ୍ରଣ : କ୍ୟାପିଟାଲ ବିଜିନେସ୍ ସର୍ଭିସ ଆଣ୍ଡ କନ୍‌ସଲ୍‌ଟାନ୍ସି